Vol.-I, Issue No. -10
16-31 July, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ

**Odisha Sanket**



ଓଡ଼ିଆ ସିନେମା 'ଓଏ ଅଞ୍ଜଳି'

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ଯୁବବର୍ଗ ଏବଂ ମହିଳାଙ୍କ ସ୍ୱାର୍ଥପ୍ରତି ବିଶେଷ ଧ୍ୟାନ ଦେବି: ରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଭାବେ କାର୍ଯ୍ୟନିର୍ବାହ କରିବା ବେଳେ ସମସ୍ତ ନାଗରିକ, ବିଶେଷକରି ଭାରତର ଯୁବବର୍ଗ ଏବଂ ମହିଳାମାନଙ୍କ ସ୍ୱାର୍ଥପ୍ରତି ଧ୍ୟାନ ଦେବା ମୋର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଦେଶର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପାର୍ଲାମେଣ୍ଟ୍‌ର ସେଣ୍ଟ୍ରାଲ୍ ହଲ୍‌ରେ ଶପଥ ଗ୍ରହଣ କରିବା ପରେ ଶ୍ରୀମତୀ ମୁର୍ମୁ ଦେଇଥିବା ପ୍ରଥମ ଉଦ୍‌ବୋଧନରେ ଏହା କହିଛନ୍ତି।

ଭାରତର ପ୍ରଧାନବିଚାରପତି ଏନ ଭି ରମଣା ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁଙ୍କୁ ଶପଥପାଠ କରାଇବା ପରେ ସେ ନିଜର ପ୍ରଥମ ସମ୍ବୋଧନ ଉପସ୍ଥାପନ କରିଥିଲେ। ଉଦ୍‌ବୋଧନ ପ୍ରାରମ୍ଭରେ କହିଥିଲେ, ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ନିମନ୍ତେ ମତେ ନିର୍ବାଚିତ କରିଥିବାରୁ ମୁଁ ସମସ୍ତ ସାଂସଦ ଓ ବିଧାନସଭା ସଦସ୍ୟଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଆପଣମାନଙ୍କ ଭୋଟ୍ ଦେଶର କୋଟି କୋଟି ନାଗରିକଙ୍କ ବିଶ୍ୱାସର ଅଭିବ୍ୟକ୍ତି । ଏହି ପବିତ୍ର ସଂସଦରୁ ମୁଁ ବିନମ୍ରତାର ସହ ସମସ୍ତ ନାଗରିକଙ୍କୁ ଅଭିନନ୍ଦନ ଜଣାଉଛି । ଏହି ସଂସଦ ଆଶା, ଆକାଂକ୍ଷା ଓ ଭାରତର ନାଗରିକମାନଙ୍କ ଅଧିକାରର ପ୍ରତୀକ।

ଆପଣମାନଙ୍କ ସ୍ନେହ, ଆସ୍ଥା ଓ ସମର୍ଥନ ମୋର କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ କାଳରେ ବିରାଟ ଶକ୍ତି ଭାବେ କାର୍ଯ୍ୟ କରିବ ।

ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ତଥା ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶ ମତେ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଛି ।

ଆଜିଠାରୁ ଆଉ ଅଳ୍ପଦିନ ମଧ୍ୟରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ କରିବ ।

ଏହା ଏକ ଅପୂର୍ବ ସଂଯୋଗ ଯେ ଦେଶ ଯେତେବେଳେ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିଲା ସେତେବେଳେ ମୋର ରାଜନୀତିକ ଜୀବନ ଆରମ୍ଭ ହୋଇଥିଲା ।

ଆଉ ଆଜି ସ୍ୱାଧୀନତାର ୭୫ ବର୍ଷରେ ମୋତେ ନୂତନ ଦାୟିତ୍ୱ ନିର୍ବାହ କରିବାକୁ ସୁଯୋଗ ମିଳିଛି ।

ମୋର ସୌଭାଗ୍ୟ ଯେ ଏପରି ଏକ ଐତିହାସିକ କ୍ଷଣ ଯେତେବେଳେ ଭାରତ ଆଗାମୀ ୨୫ ବର୍ଷରେ ଏହାର ଲକ୍ଷ୍ୟ ସାଧନ ପାଇଁ ସମସ୍ତ ଶକ୍ତି ଲଗାଇ ଦେଇଛି, ସେତେବେଳେ ମତେ ଏହି ଦାୟିତ୍ୱ ମିଳିଛି । ମୁଁ ମଧ୍ୟ ସ୍ୱାଧୀନ ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ।

ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଅମୃତ କାଳରେ ଆମକୁ ସ୍ୱାଧୀନ ଭାରତର ନାଗରିକ ଭାବେ ଖୁବ ଦ୍ରୁତଗତିରେ କାର୍ଯ୍ୟ ସମ୍ପାଦନ କରିବାକୁ ପଡିବ ।

ଏହି ୨୫ ବର୍ଷ ମଧ୍ୟରେ ଅମୃତ କାଳର ଲକ୍ଷ୍ୟ ପୂରଣ ଦୁଇଟି ବାଟରେ କରିବାକୁ ହେବ – ତାହା ହେଲା "ସବକା ପ୍ରୟାସ ଔର ସବକା କର୍ତ୍ତବ୍ୟ" (ପ୍ରତ୍ୟେକଙ୍କ ଉଦ୍ୟମ ଓ ପ୍ରତ୍ୟେକଙ୍କ କର୍ତ୍ତବ୍ୟ) । ଭାରତର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ନୂତନ ବିକାଶ ମାର୍ଗରେ କର୍ତ୍ତବ୍ୟ ପଥ ଅନୁସରଣ କରି ସମ୍ମିଳିତ ଉଦ୍ୟମ କରିବାକୁ ପଡିବ ।





ରାଷ୍ଟ୍ରପତି ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କୁ ଭୋଟ୍ ଦେଇଥିବା ସମସ୍ତ ସାଂସଦ ଓ ବିଧାୟକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ କହିଛନ୍ତି, ଆଶା, ଆକାଂକ୍ଷା ଏବଂ ଭାରତର ନାଗରିକମାନଙ୍କର ଅଧିକାରର ସଙ୍କେତ ଏହି ପବିତ୍ର ସଂସଦରୁ ମୁଁ ଦେଶବାସୀଙ୍କୁ ସବିନୟ ଅଭିନନ୍ଦନ ଜଣାଉଛି। ମୋର କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ କରିବାରେ ଆପଣମାନଙ୍କର ଶ୍ରଦ୍ଧା, ବିଶ୍ୱାସ ଓ ସମର୍ଥନ ହେବ ମୋର ସବୁଠୁ ବଡ଼ ସାମର୍ଥ୍ୟ। ଦେଶର ରାଷ୍ଟ୍ରପତି ହେବା ମୋର ବ୍ୟକ୍ତିଗତ କୃତ୍ତିତ୍ୱ ନୁହେଁ, ଭାରତର ସମସ୍ତ ନିର୍ଦ୍ଧନ ଜନତାଙ୍କର। ଭାରତର ନିର୍ଦ୍ଧନମାନେ କେବଳ ଆଶା କରନ୍ତି ନାହିଁ, ସେମାନଙ୍କର ଆଶା ପୂରଣ ମଧ୍ୟ କରିପାରନ୍ତି, ମୋର ପ୍ରାର୍ଥିତ୍ୱ ହେଉଛି ତା'ର ପ୍ରମାଣ। ମୁଁ ହେଉଛି ଦେଶ ସ୍ୱାଧୀନ ହେବା ପରେ ଜନ୍ମ ଗ୍ରହଣ କରିଥିବା ପ୍ରଥମ ନେତ୍ରୀ ଯିଏ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛି। କଲେଜ ଯିବାରେ ମୁଁ ହେଉଛି ଆମ ଗାଁ'ର ପ୍ରଥମ ଛାତ୍ରୀ। ସ୍ୱାଧୀନ ଭାରତର ନାଗରିକମାନଙ୍କ ସହିତ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଯେଉଁ ପ୍ରତ୍ୟାଶା ଥିଲା ତାହା ପୂରଣ କରିବା ଲାଗି ଆମେ ଆମ ଉଦ୍ୟମକୁ ତ୍ୱରାନ୍ୱିତ କରିବା ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ସଂଯୋଗବଶତଃ ଦେଶ ସ୍ୱାଧୀନତାର ୫୦ତମ ବାର୍ଷିକୀ ପାଳନ କରୁଥିବା ବେଳେ ମୋର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ଆଜି ଦେଶ ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ କରୁଥିବା ବେଳେ ମୁଁ ନୂଆ ଦାୟିତ୍ୱ ଗ୍ରହଣ କରୁଛି। ଭାରତ ଆଗାମୀ ୨୫ ବର୍ଷର ପରିକଳ୍ପନା ହାସଲ କରିବାକୁ ପ୍ରସ୍ତୁତି କରୁଥିବା ଏଭଳି ସ୍ମରଣୀୟ ସମୟରେ ନୂତନ ଦାୟିତ୍ୱ ଗ୍ରହଣ କରିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ।

ଜୁଲାଇ ୨୬ ତାରିଖ ହେଉଛି 'କାର୍ଗିଲ୍ ବିଜୟ ଦିବସ'। ଏହି ଦିବସ ଭାରତୀୟ ସେନାର ଶୌର୍ଯ୍ୟ ଓ ଧୈର୍ଯ୍ୟର ପ୍ରତିଫଳନ କରୁଛି। 'କାର୍ଗିଲ୍ ବିଜୟ ଦିବସ' ଉପଲକ୍ଷେ ଦେଶର ସଶସ୍ତ୍ର ବାହିନୀ ଓ ଦେଶର ନାଗରିକମାନଙ୍କୁ ମୋର ଆଗୁଆ ଅଭିନନ୍ଦନ। ମୁଁ ଆଦିବାସୀ ସମ୍ପ୍ରଦାୟ ହୋଇ ମଧ୍ୟ ଜଣେ ୱାର୍ଡ କାଉନ୍‌ସିଲରରୁ ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ପାଇଛି। ଏହା ହେଉଛି ଗଣତନ୍ତ୍ରର ଜନନୀ ଭାରତର ମହାନତା। ମୁଁ ସମସ୍ତ ଦେଶବାସୀ, ବିଶେଷକରି ଭାରତର ଯୁବବର୍ଗ ଏବଂ ମହିଳାମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ, ଏହି ପଦବୀରେ ରହି କାର୍ଯ୍ୟ ନିର୍ବାହ କରିବା ବେଳେ ସେମାନଙ୍କ ସ୍ୱାର୍ଥପ୍ରତି ଧ୍ୟାନ ଦେବା ହେବ ମୋର ପ୍ରଥମ କର୍ତ୍ତବ୍ୟ ହେବ। ବିଶ୍ୱ କଲ୍ୟାଣର ଉଲ୍ଲାସ ସହିତ ମୁଁ ପୂର୍ଣ୍ଣ ବିଶ୍ୱସ୍ତତା ଏବଂ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ସଦାସର୍ବଦା ପ୍ରସ୍ତୁତ ରହିବି। ପ୍ରଥମ ଉଦ୍‌ବୋଧନରେ ଦ୍ରୌପଦୀ ମୁର୍ମୁ ଜଗନ୍ନାଥ ଦେଶର ମହାନ୍ ସନ୍ଥକବି ଭୀମ ଭୋଇଙ୍କର କବିତାର କାଳଜୟୀ ପଙ୍‌କ୍ତି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଉଦ୍ଧୃତ କରିଥିଲେ। ଏହାଛଡ଼ା, ରାଷ୍ଟ୍ରପତି ଭାବେ ତାଙ୍କର ପ୍ରଥମ ଟୁଇଟ୍‌ରେ ଦ୍ରୌପଦୀ ମୁର୍ମୁ ଓଡ଼ିଶା ଜନଜାତିଙ୍କର ପାରମ୍ପରିକ ସ୍ୱାଗତ ସମ୍ଭାଷଣ 'ଜୋହାର' ଏବଂ ଭାରତୀୟ, ବିଶେଷକରି ଓଡ଼ିଆମାନଙ୍କର ସମ୍ମାନ ତଥା ସମ୍ମାନ ପ୍ରଦର୍ଶନର ପରିଭାଷା 'ନମସ୍କାର' ବୋଲି ଉଲ୍ଲେଖ କରିଛନ୍ତି। ଭାରତୀୟମାନଙ୍କୁ ଶୁଭେଚ୍ଛା ଜଣାଇ ସେ କହିଛନ୍ତି ଯେ, ଦେଶର ସର୍ବୋଚ୍ଚ ପଦବୀର କର୍ତ୍ତବ୍ୟ ସମ୍ପାଦନରେ ସେମାନେ ହିଁ ତାଙ୍କର ସାମର୍ଥ୍ୟ। ରାଷ୍ଟ୍ରପତି ମୁର୍ମୁ ଭାରତର ଗଣତନ୍ତ୍ରର କ୍ଷମତା ଦର୍ଶାଇବାକୁ ଯାଇ କହିଛନ୍ତି ଯେ, ଗୋଟିଏ ଦରିଦ୍ର ଆଦିବାସୀ ଘରେ ଜନ୍ମିତା ଝିଅଟିଏ ଆଜି ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇପାରିଲା।

ଶ୍ରୀ ଜଗନ୍ନାଥ କ୍ଷେତ୍ରରେ ପ୍ରସିଦ୍ଧ କବି ଭୀମଭୋଇଙ୍କ ଏକ କବିତା ଅଛି "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ ।"

ନିଜ ସ୍ୱାର୍ଥଠାରୁ ଜଗତ କଲ୍ୟାଣ କାହିଁ କେତେ ଗୁଣରେ ମହାନ । ବିଶ୍ୱ କଲ୍ୟାଣର ଏହି ଉତ୍ସାହ ସହ ମୁଁ ଆପଣମାନଙ୍କ ଆସ୍ଥା ଭାଜନ ହୋଇ ସମ୍ପୂର୍ଣ୍ଣ ଉତ୍ସାହୀ ଓ କର୍ତ୍ତବ୍ୟ ପରାୟଣ ହୋଇ କାର୍ଯ୍ୟ କରିବି । ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ଉତ୍ସର୍ଗୀକୃତ ମନୋଭାବ ସହ କର୍ତ୍ତବ୍ୟ ପଥରେ ଆଗେଇ ଏକ ଗୌରବମୟ ଓ ଆତ୍ମନିର୍ଭର ଭାରତ ଗଠନ କରିବା ।







ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ସମାରୋହ

# ୨୦୨୪ ପାଇଁ ବାର୍ତ୍ତା ଦେଲା ରାଷ୍ଟ୍ରପତି ନିର୍ବାଚନ

ଭୁବନେଶ୍ୱର: ରାଷ୍ଟ୍ରପତି ନିର୍ବାଚନ ଜାତୀୟ ରାଜନୀତି ଓ ରାଜ୍ୟ ରାଜନୀତି ପ୍ରଭାବିତ କରିବ ବୋଲି ସ୍ପଷ୍ଟ ହୋଇଯାଇଛି। ରାଷ୍ଟ୍ରପତି ନିର୍ବାଚନ ଦେଖାଇଦେଇଛି ଯେ, ବିରୋଧୀ ଏକାଠି ହୋଇ ଲଢ଼ିବା ସ୍ଥିତିରେ ନାହାନ୍ତି। ବିରୋଧୀଙ୍କ ମଧ୍ୟରେ ଥିବା ଫାଟ ଜଳଜଳ କରି ଦୃଶ୍ୟମାନ ହୋଇଛି। ଅପରପକ୍ଷରେ କେନ୍ଦ୍ରରେ ମୋଦି ସରକାର ବହୁତ ମଜବୁତ ସ୍ଥିତିରେ ରହିଛି ବୋଲି ରାଷ୍ଟ୍ରପତି ନିର୍ବାଚନରୁ ଆମେ ଜାଣିବାକୁ ପାଇଛେ। ଯେତେବେଳେ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା ସେତେବେଳେ ଏନଡ଼ିଏର ବଳ ୫୦%ରୁ କମ ଥିଲା । କିନ୍ତୁ ନିର୍ବାଚନ ବେଳକୁ ଏହା ପାଖାପାଖି ୭୦%ରେ ଛୁଇଁ ପାରିଥିଲା। ବିରୋଧୀଙ୍କୁ ଏକତ୍ର କରିବା ପାଇଁ ମମତା ବାନାର୍ଜୀ ବହୁ ଉଦ୍ୟମ କରିଥିଲେ ବି ସେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି।

୨୦୨୪ ନିର୍ବାଚନ ପାଇଁ ଆଉ ହାତରେ ବେଶୀ ସମୟ ନାହିଁ । କାହିଁକିନା ୨୦୨୩ରେ ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଗାଏମୋଟ ଦେଖିଲେ, ୨୦୨୩ରେ ହେଉ ଅବା ୨୦୨୪ରେ ପ୍ରସ୍ତୁତି କିନ୍ତୁ ଏବେଠାରୁ ଆରମ୍ଭ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ସବୁ ଦଳ ନିଜ ନିଜ ବାଟରେ ସାଂଗଠନିକ ଶକ୍ତି ବୃଦ୍ଧିରେ ଲାଗିପଡ଼ିଛନ୍ତି । ଏକ୍ଷେତ୍ରରେ କେନ୍ଦ୍ରରେ ବିଜେପି ଢ଼େର ଆଗରେ ରହିଛି କହିଲେ ଭୁଲ ହେବନାହିଁ । କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ଭାବେ ବିଗିଡ଼ିଯାଇଛି। ଏକଦା କଂଗ୍ରେସ ଅନ୍ୟ ବିରୋଧୀ ଦଳଙ୍କୁ ନିଜ ନିୟନ୍ତ୍ରଣରେ ରଖୁଥିବାବେଳେ ଏବେ କିନ୍ତୁ କଂଗ୍ରେସର ଆଉ ସେଭଳି ସ୍ଥିତି ନାହିଁ । ବରଂ କଂଗ୍ରେସ ଏବେ ଅନ୍ୟ ବିରୋଧୀ ଦଳଗୁଡ଼ିକର ନିୟନ୍ତ୍ରଣକୁ ଆସିଯାଇଛି କହିଲେ ଭୁଲ ହେବନାହିଁ। ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସ୍ଥିତି କଂଗ୍ରେସର ଅସହାୟତାକୁ ବୟାନ କରୁଛି । ଏହି ତିନି ରାଜ୍ୟରେ କଂଗ୍ରେସ କ୍ଷମତାଶାଳୀ ଥିଲା । କିନ୍ତୁ ପରିବର୍ତ୍ତିତ ରାଜନୀତିକ ସ୍ଥିତି କଂଗ୍ରେସର ସବୁ ବୟାନକୁ ଓଲଟପାଲଟ କରିଦେବା ସହ ଦଳର ଶକ୍ତିକୁ ବି ହ୍ରାସ କରିଦେଇଛି । ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଅବା ପ୍ରିୟଙ୍କା ଗାନ୍ଧୀଙ୍କର କୌଣସି ରଣନୀତି ସଫଳ ହେଉନାହିଁ । ବରଂ କଂଗ୍ରେସରେ ଗାନ୍ଧୀ ପରିବାରକୁ ନେଇ ବିଦ୍ରୋହର ପ୍ରତିଧ୍ୱନି ଶୁଣିବାକୁ ମିଳୁଛି । ମୋଦି ସରକାର କେତେ ଶକ୍ତିଶାଳୀ ତାହାର ନଜିର ମଧ୍ୟ ଆମେ ରାଷ୍ଟ୍ରପତି ନିର୍ବାଚନରେ ଦେଖିବାକୁ ପାଇଛେ।

ନିଜସ୍ୱ ଲୋକପ୍ରିୟତାରେ ମୋଦି ଏବେ ଶୀର୍ଷରେ ପହଁଚିଛନ୍ତି । ସେହିପରି କଂଗ୍ରେସ ନିଷ୍କ୍ରିୟ ହୋଇପଡ଼ିଥିବାରୁ ବିଜେପି ନିଜର କାୟା ବିସ୍ତାର କରିବାରେ ଲାଗିଛି। ବିଜେପିର କାୟା ଓ କଳେବର ଦେଖି ଅନ୍ୟ ଛୋଟଛୋଟ ବିରୋଧୀ ଦଳଗୁଡ଼ିକ ବିଜେପି କାନ୍ଧରେ ନାଉ ହେବାକୁ ଚାହୁଁଛନ୍ତି । କଂଗ୍ରେସ ସହ ଯିବା ଅପେକ୍ଷା ବିଜେପି ସହ ରହିଲେ ଲାଭ ହେବ ବୋଲି ସେମାନେ ଅନୁମାନ କରୁଛନ୍ତି। କଂଗ୍ରେସ ବ୍ୟତୀତ ପ୍ରମୁଖ ବିରୋଧୀ ଦଳଗୁଡ଼ିକ ହେଉଛି ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ। ତେବେ ୟୁପିରେ ଏସପି ଓ ବିଏସପିର ସ୍ଥିତି ଠିକ ନଥିବାବେଳେ ବିହାରରେ ବି ଆରଜେଡ଼ି ଅନୁରୂପ ସ୍ଥିତି ଦେଇ ଗତିକରୁଛି । ଦକ୍ଷିଣ ଭାରତର କେତେକ ରାଜ୍ୟକୁ ଛାଡ଼ିଦେଲେ ବିଜେପି ଅନେକ ରାଜ୍ୟରେ ନିଜର ସ୍ଥିତି ଦିନକୁ ଦିନ ଦୃଢ଼ କରିଚାଲିଛି। କଂଗ୍ରେସ ଯେଭଳି କଡ଼ ଲେଉଟାଇପାରିବନି ସେଥିପାଇଁ ବିଜେପି ମଧ୍ୟ ରଣନୀତି କରିଛି । ଯାହାଫଳରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନେକ ଜନ ଅସନ୍ତୋଷ ଥିଲେବି ତାହା ସାଧାରଣରେ ପ୍ରତିଫଳିତ ହୋଇପାରୁନାହିଁ ।

ଏବେ ଆସିବା ରାଜ୍ୟ ରାଜନୀତି ଆଡ଼କୁ। ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ରୌପଦୀଙ୍କ ପ୍ରାର୍ଥୀତ୍ୱ ନେଇ ଘୋଷଣା ହେବାବେଳେ ନବୀନ ବିଦେଶରେ ଥିଲେ। କିନ୍ତୁ ଦ୍ରୌପଦୀଙ୍କ ନାମ ଘୋଷଣା ହେବାମାତ୍ରେ ନବୀନ ଟ୍ୱିଟ କଲେ। ସେ ଖାଲି ନିଜର ସମର୍ଥନ ଘୋଷଣା କଲେ ତାହା ନୁହେଁ, ଏନେଇ ମୋଦି ତାଙ୍କ ସହ ଆଲୋଚନା କରିଥିଲେ ବୋଲି ନବୀନ କହିବାକୁ ଭୁଲିନଥିଲେ। ଅତଏବ ମୋଦିଙ୍କ ସହ ତାଙ୍କର କେତେ ଘନିଷ୍ଠତା ରହିଛି ସେନେଇ ଇଙ୍ଗିତ କରିଥିଲେ । ଯାହାକି ମୁଖ୍ୟ ବିରୋଧୀ ଦଳ ବିଜେପିକୁ ଶକ୍ତ ଚାପୁଡ଼ା ଭଳି ପ୍ରତୀୟମାନ ହୋଇଥିଲା। ବିଜେପି ଓ ବିଜେଡ଼ି ମଧ୍ୟରେ ଆରମ୍ଭରୁ ବେଶ ସୁସମ୍ପର୍କ ରହିଥିଲା। ଉଭୟ ମିଳିମିଶି ରାଜ୍ୟରେ ସରକାର ମଧ୍ୟ ଗଢ଼ିଥିଲେ। ୨୦୦୯ରେ ମେଂଟ ଭାଙ୍ଗିବା ପରେ ଉଭୟ ଦଳ ଅଲଗା ଅଲଗା ହୋଇଯାଇଛନ୍ତି। ବିଜେଡ଼ି ହାତ ଛାଡ଼ିବା ପରେ ବିଜେପିର ଅବସ୍ଥା ସଂଗୀନ ହୋଇଯାଇଥିଲା। ତେବେ ୨୦୧୪ରେ ମୋଦି ସରକାରକୁ ଆସିବା ପରେ ରାଜ୍ୟ ବିଜେପି ସଂଜୀବନୀ ପାଇଥିଲା। କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶକ୍ତି ବଢ଼ିବାରୁ ସେ ମୋଦିଙ୍କ ଲୋକପ୍ରିୟତା ଓ ଅମିତ ଶାହାଙ୍କ ସାଂଗଠନିକ ଶକ୍ତିକୁ ପାଥେୟ କରି ରାଜ୍ୟରେ ବିଜେପିକୁ ମଜବୁତ କରିବା ପାଇଁ ଭରପୂର ପ୍ରୟାସ କରିଥିଲେ। ବିଜେପିର ଆକ୍ରମଣାତ୍ମକ ରଣନୀତି ବିଜେଡ଼ି ଶିବିରରେ କୋକୁଆ ଭୟ ସୃଷ୍ଟି କରିଦେଇଥିଲା। ବିଜେପି କିଭଳି ନିଜର କାୟା ବିସ୍ତାର କରିଛି ତାହାର ନଜିର ୨୦୧୭ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିଲା।

ତେବେ ବିରୋଧୀଙ୍କୁ ମାତ ଦେବାର ଶକ୍ତି ରଖିଥିବା ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ୨୦୧୭ ପଂଚାୟତ ନିର୍ବାଚନରେ ଆକ୍ରମଣାତ୍ମକ ରଣନୀତି କରିଥିଲେ। ୨୦୧୯ ନିର୍ବାଚନରେ ମୋଦି, ଶାହା ଓ ଧର୍ମେନ୍ଦ୍ରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ନବୀନ ପୁଣି ସେଂଚୁରୀ ମାରି ନିଜର ଲୋକପ୍ରିୟତା ପ୍ରତିପାଦିତ କରିଥିଲେ। ସେ ଦେଖାଇ ଦେଇଥିଲେ ଯେ, ମୋଦି ଦେଶରେ ଲୋକପ୍ରିୟ ନେତା ହୋଇପାରନ୍ତି, ବିଜେପି ବିଶ୍ୱର ବଡ଼ ଦଳ ହୋଇପାରେ, କିନ୍ତୁ ଓଡ଼ିଶାରେ ସେ ହିଁ ଲୋକପ୍ରିୟ ଓ ତାଙ୍କ ଦଳ ହିଁ ଶକ୍ତିଶାଳୀ। ନବୀନଙ୍କ ଲୋକପ୍ରିୟତା ଓ ବିଜେଡ଼ିର ଶକ୍ତି ଦେଖିବା ପରେ ରାଜ୍ୟ ବିଜେପି ନିରବୀ ଯାଇଥିଲା। ବିଜେଡ଼ି ସହ ଲଢ଼ିବା ଅପେକ୍ଷା ମିତ୍ରତା ସ୍ଥାପନ ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଉଦ୍ୟମ କରିଥିଲେ। ଯେଉଁ ଅମିତ ଶାହା ଓଡ଼ିଶା ଆସିଲେ ନବୀନଙ୍କୁ ଉପାଡ଼ି ବଙ୍ଗୋପସାଗରକୁ ଫିଙ୍ଗିଦେବା ପାଇଁ ଆହ୍ୱାନ ଦେଉଥିଲେ ସେହି ଅମିତ ଶାହା ନବୀନ ନିବାସ ଯାଇ ଭୋଜନ କରିବାକୁ ବାଧ୍ୟ ହୋଇଥିଲେ। ଧିରେଧିରେ କେନ୍ଦ୍ରୀୟ ନେତାଙ୍କ ସହ ନବୀନଙ୍କର ସମ୍ପର୍କ ଏତେ ମଜବୁତ ହୋଇଗଲାଯେ, ନବୀନଙ୍କ ବିରୋଧରେ ଆଉ ରାଜ୍ୟ ବିଜେପି ଲଢ଼ିନଥିଲା। ଏମିତିକି ଉପନିର୍ବାଚନ ଗୁଡ଼ିକରେ ବି ନବୀନଙ୍କ ବିରୋଧରେ ବିଜେପି ସେଭଳି ଲଢ଼ିନଥିଲା। ରାଷ୍ଟ୍ରପତି ନିର୍ବାଚନରେ କିଭଳି ନବୀନ ଓ ମୋଦିଙ୍କ ସମ୍ପର୍କ ମଜବୁତ ତାହା ବି ପ୍ରତିପାଦିତ ହୋଇଯାଇଛି। ଉଭୟ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ନବୀନଙ୍କ ବିଜେଡ଼ି ମୋଦିଙ୍କ ବିଜେପିକୁ ସମର୍ଥନ କରିଆସୁଛି । ଅତଏବ ନବୀନ ଓ ବିଜେଡ଼ି ଏନଡ଼ିଏରେ ନଥିଲେ ବି ଏନଡ଼ିଏର ପ୍ରମୁଖ ସହଯୋଗୀ ଭାବେ କାମ କରୁଛନ୍ତି।

# ତଦନ୍ତ



ପ୍ରଣତି ପାତ୍ର

" ସନିଆର କାନ୍ଧକୁ ରଘୁ ଧକିଆଟିଏ ମାରି କହିଲା, କିରେ ଜାଣିଛୁ ? ଆଜି ଯେଉଁ ବାବୁମାନେ ଆସିଥିଲେ ସେମାନେ ଆମ ମଧ୍ୟାହ୍ନଭୋଜନ ଟଙ୍କାରେ ଭୋଜିଭାତ ଖାଇ ଯାଉଛନ୍ତି। ହେଲେ ତୁ ଚିନ୍ତା କରନା, ମୁଁ ଅଛି।



ଦିଦି ବ୍ଲାକବୋର୍ଡ ଆଡ଼େ ମୁହଁ କରି ଲେଖିଲା ବେଳେ ପାଖରେ ବସିଥିବା ବିପ୍ରକୁ ସନିଆ ଧୀରେ ଧୀରେ କହିଲା 'ଦେଖିଲୁ, ମାଉଁସ ଗନ୍ଧ ହେଉଛି।' ବିପ୍ର ବି ତା' ଆଡ଼େ ଚାହିଁ ହସି ଦେଇ ମୁଣ୍ଡ ହଲେଇଲା। ଦୁଇଜଣଙ୍କ ପାଟିରୁ ଲାଳ ବାହାରୁଥାଏ। ସନିଆ କ୍ଲାସର ଅନ୍ୟ ପିଲାମାନଙ୍କ ଆଡ଼େ ଅନେଇଲା। ପାଖରେ ରୋଷେଇ ଘରୁ ରନ୍ଧା ମାଂସର ଗନ୍ଧ କ୍ଲାସରୁମ୍ ସାରା ଭରିଯାଇଥାଏ। ସନିଆକୁ ଲାଗିଲା କାହାର ହେଲେ ପାଠରେ ମନନାହିଁ। ସମସ୍ତେ ସେ ବାସ୍ନାରେ ଅସ୍ଥିର ହୋଇପଡ଼ିଛନ୍ତି। ବହୁତ ଦିନ ହେଲା ମାଉଁସ ଟିକିଏ ପାଟିରେ ବାଜିନଥିଲା।

ସନିଆ ସକାଳୁ କିଛି ହେଲେ ଖାଇନି। ସବୁଦିନ ପରି ଆଜି ମଧ ସେ ସ୍କୁଲ ଆସିବା ବେଳେ ତା' ବାପା ମଦ ନିଶାରେ ଶୋଇଥିଲା। କାଲି ରାତିରେ ସେ ତା' ବୋଉକୁ ବହୁତ ପିଟିଛି। କିଛି ତ ଘରେ ନଥିଲା। କ'ଣ ବା ଦେଇଥାଆନ୍ତା ଖାଇବାକୁ ସେ ମଦୁଆଟାକୁ। ବୋଉ ତ ଯାହା କାଠ କି ମହୁଲ ଫୁଲ ବିକି ଯାହା ରୋଜଗାର କରୁଛି ହେଲେ ତା' ବାପା ସେ ସବୁତକ ପଇସା ଛଡ଼େଇ ନେଉଛି।

ସନିଆ ରାତିରେ ଛତୁଆ ଟିକେ ଯାହା ଖାଇଥିଲା। ସନିଆ ଭାତ ଟିକିଏ ମାଗିବାରୁ ବୋଉ ତା' ମୁଣ୍ଡକୁ ଆଉଁସି ଦେଇ କହିଥିଲା, ଆରେ ବାପା, ଆଜି ରାତିରେ ମୁଁ ଶୁଖୁଆ ପୋଡ଼ା ଆଉ ଗରମ ପଖାଳ ବନେଇଦେବି। ପେଟପୁରା ଖାଇବୁ। ସନିଆ ଶୁଖୁଆ ନାଁ ଶୁଣି ଖୁସି ହୋଇଯାଇଥିଲା।

'ସନିଆ.... ସନିଆ....। ଦିଦି କେତେବେଳୁ ତାକୁ କିଛି କହିଲେଣି। ସନିଆ ଛାନିଆ ହୋଇ ଠିଆହେଲା। ଦିଦି ପଚାରିଲେ- 'କିରେ, ସ୍କୁଲରେ ପାଠ ପଢ଼ିବାକୁ ଇଚ୍ଛା ନାହିଁ କି ? ମୁଁ କ'ଣ ପଚାରୁଥିଲି ? ସରକାର ତ ସବୁ ମାଗଣାରେ ଦେଉଛନ୍ତି, ଆଉ ତୁ ପଢ଼ିବୁ କାହିଁକି ?

ସନିଆ ପିଲାହେଲେ ବି ସବୁ ବୁଝିପାରେ। ସମସ୍ତ ଦିଦି ଓ ସାରମାନେ ତା' ଉପରେ ରାଗିଛନ୍ତି। ଦୀନବନ୍ଧୁ କହୁଥିଲା, କାଳେ ତାଙ୍କ ଉପର ଅଫିସରଙ୍କୁ ଯେଉଁ ବେନାମୀ ଚିଠିଟି ଯାଇଛି, ସେଇଟା ସନିଆର ହସ୍ତାକ୍ଷର ପରି ଜଣାପଡୁଥିଲା। ହେଡମାଷ୍ଟର ସାର ମଧ ତାକୁ ଡାକି ଧମକେଇ ପଚାରିଥିଲେ।

ବେଲ ବାଜିଲା। ସବୁ ପିଲା ଥାଳି ଧରି ବାରଣ୍ଡାଆଡ଼େ ଦୌଡ଼ିଲେ। ସନିଆ ହାତ ଧୋଇବା ପାଇଁ ନଳକୂପ ଆଡ଼େ ଗଲା। ଦେଖିଲା ଆମ୍ବଗଛ ମୂଳେ ବଡ଼ ଧଳା ଗାଡ଼ିଟିଏ ଥୁଆହୋଇଛି। ହଠାତ୍ ତା' ନଜର ପଡ଼ିଲା ହେଡମାଷ୍ଟରଙ୍କ ଅଫିସ ରୁମ୍ ଆଡ଼େ। ସବୁ ଦିଦି ସାର୍‌ମାନେ ସେଠି ରୁଣ୍ଡ ହୋଇଥାନ୍ତି। ସନିଆ ଦେଖିଲା ଦୁଇଜଣ ବାବୁ ଆସିଛନ୍ତି। ସଂସ୍କୃତ ସାର୍‌ଙ୍କ ନଜର ତା' ଉପରେ ପଡ଼ିଗଲା। ତେଣୁ ସେ ଦୌଡ଼ି ପଳାଇ ଆସିଲା।

ସବୁତକ ପିଲା ସ୍କୁଲ ବାରଣ୍ଡାରେ ଧାଡ଼ି ହୋଇ ବସିଯାଇଥିଲେ। ନିଜକୁ ଦିଦି ସାର୍‌ମାନଙ୍କ ନଜରରୁ ଲୁଚେଇବା ପାଇଁ ସେ ଗୋଟିଏ କୋଣରେ ଥିବା ବିରାଟ ଖମ୍ବ ପାଖରେ ବସିପଡ଼ିଲା। ନନା ଭାତ ବାଢ଼ି ଦେଇଗଲା। ଥାଳି ପାଖରେ ଗିନା ଥୁଆ ହୋଇଥାଏ। ପିଅନ ଜଣକ ଯେତେବେଳେ ଡାଲି ଧରି ଆସିଲା ସନିଆ ଭାବିଥିଲା ସେ ଗିନାରେ ଡାଲି ଦେଇଯିବ, କିନ୍ତୁ ସେ ତ ଡାଲିକୁ ଭାତ ଉପରେ ଢ଼ାଳି ଦେଇଗଲା। ସନିଆ ଭାବିଲା ସବୁଦିନ ତ ପାଣିଆ ଡାଲି ଭାତ ଦିଆଯାଉଥିଲା। ଆଜି ଗିନାରେ ତାହେଲେ କ'ଣ ଦେବେ ? ଆରେ ହଁ ତ ! ସେ ଭୁଲି ଯାଇଥିଲା। ଆଜି ପରା ମାଂସ ରନ୍ଧା ହୋଇଛି। ମାଂସ କଥା ମନେପଡ଼ିବାରୁ ତା' ମନ ପୁଣି ଖୁସିରେ ଭରିଗଲା। ତା' ବୋଉକୁ ଯେତେବେଳେ ସେ କହିବ ଯେ ସେ ଆଜି ମାଉଁସ ଭାତ ଖାଇଛି, ସେ ଭାରି ଖୁସିହେବ। ହେଲେ ସନିଆ ମନରେ ଦୁଃଖ ହେଲା ଯେ ତା' ବୋଉ ତା' ପରି ମାଉଁସ ଭାତ ଟିକିଏ କେବେ ଖାଇବାକୁ ପାଉନାହିଁ।

ସେ ଏତେକଥା ଭାବୁଛି। ପିଲାମାନେ ଅଧା ଖାଇସାରିଲେଣି। ଗିନାକୁ ଚାହିଁଲା, ଆଳୁ, ବାଇଗଣ, ମଟର ତରକାରୀ। ପ୍ରବଳ ଭୋକ ତ ହେଉଥିଲା। ଶୀଘ୍ର ଶୀଘ୍ର ଖାଇଦେଇ କ୍ଲାସକୁ ଧାଇଁଲା।

ମାଂସ ଟିକିଏ ନ ମିଳିବାରୁ ତା' ମନଟା ଟିକେ ଦୁଃଖ ଲାଗିଲା। ସ୍କୁଲ ଛୁଟି ହେଲା। ପିଲାମାନେ ବହିପତ୍ର ଧରି ଘରଆଡ଼େ ଦୌଡ଼ିଲେ। ସନିଆ ଦୌଡ଼ି ଯାଉଯାଉ ତା' ନାକକୁ ପୁଣି ମାଂସ ଗନ୍ଧ ବାଜିଲା। କୋଉଠୁ ଗନ୍ଧ ଆସୁଛି ଜାଣିବାକୁ ଅଟକିଯାଇ ସେ ଇଆଡ଼େ ସିଆଡ଼େ ଚାହିଁଲା। ଦେଖିଲା, ସ୍କୁଲ କାନ୍ଥକୁ ଲାଗି ଯେଉଁ ଅଳିଆ ଗଦାଟି ଅଛି ସେଠି ଦଳେ କୁକୁର ଖଲିପତ୍ର ପ୍ଲେଟଗୁଡ଼ିକୁ ବେଢ଼ି ଯାଇ ଚାଟିବାରେ ଲାଗିଛନ୍ତି।

ବାଟରେ ଗଲାବେଳେ ରଘୁ ଭେଟିଗଲା। ରଘୁ ଦଶମ ଶ୍ରେଣୀରେ ପଢ଼େ। ଏ ମାସର ସେ ଖାଦ୍ୟମନ୍ତ୍ରୀ। ବାରମ୍ବାର ଫେଲ ହୋଇଯାଏ। ସମସ୍ତଙ୍କ ଠାରୁ ବଡ଼ ଆଉ ଅଧିକ କଥା ଜାଣିଛି ବୋଲି ସେ ସ୍କୁଲରେ ଦାଦାଗିରି କରେ। ପିଲାମାନେ ଫୁସଫୁସ୍ ହୁଅନ୍ତି ଯେ, ସ୍କୁଲରେ ନିମ୍ନମାନର ଖାଦ୍ୟ ଦିଆଯାଉଛି ବୋଲି ଯେଉଁ ବେନାମୀ ଚିଠିଟି ବଡ଼ ଅଫିସରଙ୍କୁ ଯାଇଥିଲା ତାକୁ କୁଆଡ଼େ ରଘୁ ଲେଖେଇଥିଲା।

ସନିଆର କାନ୍ଧକୁ ରଘୁ ଧକିଆଟିଏ ମାରି କହିଲା, କିରେ ଜାଣିଛୁ ? ଆଜି ଯେଉଁ ବାବୁମାନେ ଆସିଥିଲେ ସେମାନେ ଆମ ମଧ୍ୟାହ୍ନଭୋଜନ ଟଙ୍କାରେ ଭୋଜିଭାତ ଖାଇ ଯାଉଛନ୍ତି। ହେଲେ ତୁ ଚିନ୍ତା କରନା, ମୁଁ ଅଛି।

ସନିଆ ପଦୁଟିଏ କହିଲା ନାହିଁ। ରଘୁ କଥା ହେଲାବେଳେ ତା' ପାଟିରୁ ମାଂସ ଗନ୍ଧ ବାହାରୁଥିଲା। ଦିଦି ସାର୍‌ମାନେ ବାବୁମାନଙ୍କ ପାଇଁ ରୋଷେଇ ହୋଇଥିବା ମାଂସ ତରକାରୀରୁ ରଘୁକୁ ଦେଇଛନ୍ତି।

ସନିଆ ଘରଆଡ଼େ ଆଗେଇ ଚାଲିଲା। ବାଟରେ ଧାଡ଼ି ଧାଡ଼ି ଆମ୍ବଗଛର ପତ୍ର ମଧରେ କେଉଁଠି ଆମ୍ବଟିଏ ଥିବ ବୋଲି ନିରେଖି ଚାହୁଁଥିଲା। ଗୋଟେ ଦି'ଟା କଞ୍ଚା ଆମ୍ବ ମିଳିଗଲେ ତା' ବୋଉ ବେସରଟିକିଏ କରିଦିଅନ୍ତା।

ତା' ପରଦିନ ସନିଆ ପୁଣି ସ୍କୁଲ ବାହାରିଲା। ଆଜି ସକାଳେ ବୋଉ ଟିକିଏ ଜାଉ କରିଥିଲା। ସନିଆର କିନ୍ତୁ ପେଟ ପୂରିଲା ନାହିଁ। ମନକୁ ବୁଝେଇ କହିଲା, ମାଂସ ନ ଦିଅନ୍ତୁ, ଭାତ ଡାଲି ତରକାରୀ ତ ଦେବେ। ସେ ପେଟପୁରା ଖାଇଦେବନି ! ଯେଉଁ ବାବୁମାନେ ଆସିଥିଲେ, ସେମାନେ ନିଶ୍ଚୟ ତାଙ୍କ କଥା ବୁଝିଥିବେ।

ସବୁଦିନ ପରି ପିଲାଏ ଧାଡ଼ିବାନ୍ଧି ବାରଣ୍ଡାରେ ଥାଳି ଧରି ବସିପଡ଼ିଲେ। ଏସ୍‌ଏଚ୍‌ଜି ମା' ପ୍ଲେଟରେ ଭାତ ଓ ଗିନାରେ ଡାଲି ବାଢ଼ି ଦେଇଗଲା। ପିଅନ ଆସି ଗିନାରେ ଡାଲି ଢ଼ାଳି ଦେଇଗଲା। ସନିଆ ଗିନାକୁ ଚାହିଁଲା। ଏ କ'ଣ ? ଖାଲି ହଳଦିଆ ପାଣି ! ସନିଆ ସେହି ହଳଦିଆ ପାଣି ଭିତରେ ହାତ ପୂରେଇ ଡାଲିର ଦାନା ଅଛି ନା ନାହିଁ ଖାଲି ଖୋଜି ହେଉଥିଲା।

# ବଢ଼ି ଚାଲିଥିବା ଓଜନକୁ କିପରି କମ କରିବା ?

ଦିନକୁ ଦିନ ଜୀବନ ଏତେ ବ୍ୟସ୍ତ ହେବାରେ ଲାଗିଛିକି ଆଉ ବୋଧେ କାହା ପାଖରେ ଜିମ ଯିବା, ଦୌଡିବା କିମ୍ବା ଚାଲିବା ପାଇଁ ସମୟ ରହୁନାହିଁ । ଆଜି କାଲିର ବ୍ୟସ୍ତ ବହୁଳ ଜୀବନରେ ମେଦ ବହୁଳତାର ଶିକାର ହେଉଛନ୍ତି । ଆଉ ଏହା ବାଦ ଏତେ ବ୍ୟସ୍ତ ବହୁଳ ଜୀବନ ଭିତରେ ହାଲିଆ ହୋଇ ମଣିଷ ଦରକାର ଠାରୁ ଅଧିକ ଖାଇଦେଉଛନ୍ତି । ଦିନ ସାରା ମୋବାଇଲରେ ଅଧିକ ସମୟ ଦେବା, ଅଧିକ ଟେନ୍ସନ ନେବା, ନିଜ ସହିତ ନିଜେ କଥା ହେବା ବି ଓଜନ ବଢିବାର ଅନ୍ୟତମ ପ୍ରମୁଖ କାରଣ ଅଟେ । ସେହି କାରଣରୁ ରୋଗରେ ପଡି ଯାଉଛନ୍ତି । ଅତ୍ୟଧିକ ଓଜନ ବଢିବା କାରଣରୁ ଲୋକେ ବିକଳ ହୋଇ ଜିମ ଯାଉଛନ୍ତି । ଆଉ ଜିମରେ ସେମାନଙ୍କୁ ଚିକେନ ଖାଇବାକୁ ପରାମର୍ଶ ଦିଆଯାଉଛି । କିନ୍ତୁ ଚିକେନ ଖାଇ ତାଙ୍କ ଓଜନ କମିବ କଣ ଓଲଟା ବଢି ବଢି ଯାଉଛି । ତେବେ ଆସନ୍ତୁ ଜାଣିବା ବଢି ଚାଲିଥିବା ଓଜନକୁ କିପରି କମ କରିବା :



## ଡ୍ରାଏ ଫ୍ରୁଟସ ଖାଇବା:

ଡ୍ରାଏ ଫ୍ରୁଟସ ସବୁଠାରୁ ଅଧିକ ଭାରତର କାଶ୍ମୀର ଅଂଚଳରେ ମିଳିଥାଏ । ଏହାର ସେବନ ଆପଣ "ଆଠ କାଳି ବାର ମାସ" କରିପାରିବେ । ଏହାର ସୀମିତ ମାତ୍ରାରେ ସେବନ ଶରୀର ପାଇଁ ଖୁବ ଫାଇଦା ଦାୟକ ହୋଇଥାଏ । ଡ୍ରାଏ ଫ୍ରୁଟସର ସେବନ ଆପଣଙ୍କ ଡାଏଟରେ ଯେମିତି ଚାର ଚାନ୍ଦ ଲଗେଇବା କାମ କରିଥାଏ । କାଜୁ, ଖଜୁରୀ, ପେସ୍ତା ବାଦାମ, କମଳ ଗଞ୍ଚା ପ୍ରତିଦିନ ଖାଇବା ଉଚିତ । ଏଥିରେ ମହଜୁତ ଥିବା ପୋଷକ ତତ୍ତ୍ୱ ଆମ ଖାଦ୍ୟକୁ ବାଲାନ୍ସ କରିଥାଏ। କୌଣସି ପ୍ରକାର ରୋଗ ଦାଉରୁ ସୁରକ୍ଷା ଦେଇଥାଏ ।

## ଜୁସ ଅଧିକ ପିଅନ୍ତୁ:

ବିଭିନ୍ନ ପ୍ରକାର ଫଳ ତଥା ପନିପରିବାରୁ ଜୁସ ପ୍ରସ୍ତୁତ ହୋଇଥାଏ । ଅତି କମ ସମୟରେ ପେଟ ଭର୍ତ୍ତି କରିବା ପାଇଁ ଏହା ହେଉଛି ସବୁଠାରୁ ସହଜ ଓ ସରଳ ଉପାୟ । ଯେବେ ଆପଣଙ୍କ ପାଖରେ ଖାଇବା ପାଇଁ ସମୟ ନଥିବ ଆପଣ ଜୁସ ପିଇ ପାରିବେ । ଏହାକୁ ଏକ ପ୍ରକାର ଲିକ୍ୱିଡ଼ ଡାଏଟରେ ସାମିଲ କରାଯାଇ ପାରିବ । ପ୍ରତିଦିନ ଜୁସ ପିଇବା ଦ୍ୱାରା ଶରୀର ଡିଟକ୍ସ ହେବା ସହ ଓଜନ ଖୁବ ଶୀଘ୍ର କମିଯାଏ ।

## ପନିପରିବା ଅଧିକ ଖାଆନ୍ତୁ:

ପନିପରିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟୀ ହୋଇଥାଏ । ବଢୁଥିବା ଓଜନକୁ ନିୟନ୍ତ୍ରଣରେ ଆଣିବା ପାଇଁ ସବୁଜ ପନିପରିବାକୁ ନିଜ ଡାଏଟରେ ସାମିଲ କରିବା ଉଚିତ । ପରିବା ଯେମିତିକି ଲାଉ, ପାଳଙ୍ଗ. ମେଥି, ଛତୁ, ବ୍ରୋକୋଲି, ବାଇଗଣ, ଫୁଲକୋବି ଆଦି ଆମ ଓଜନ କମ କରିବାରେ ବିଶେଷ ଭାବେ ସାହାଯ୍ୟ କରିଥାଏ । ଏସବୁ ବ୍ୟତୀତ ଆପଣ ଅନ୍ୟାନ ପରିବାକୁ ବି ସାମିଲ କରିପାରିବେ ।

# ନିତି ସକାଳେ ପିଅନ୍ତୁ ଏହି ଜୁସ୍ ମିଳିବ ଫାଇଦା

କର୍ମବ୍ୟସ୍ତତା ମଧରେ ନିଜକୁ ଟାଇମ ଦେବା ନିତ୍ୟାନ୍ତ ଆବଶ୍ୟକ । ନଚେତ ଆମେ ଡ଼ିପ୍ରେସନର ଶିକାର ମଧ ହେବା ସହିତ ଅସୁସ୍ଥ ହୋଇପଡ଼ିବା । ତେବେ ଆସନ୍ତୁ ଜାଣିବା ପ୍ରତିଦିନ ସକାଳେ ଅଧାକପ୍ ତରଭୁଜ ଜୁସ୍ ପିଇଲେ ଆମ ଶରୀରକୁ ମିଳିଥାଏ ଅନେକ ଲାଭ । ତରଭୁଜରେ ଓମେଗା ୩ ଏସିଡ୍ ପ୍ରଚୁର ପରିମାଣରେ ଭରି ରହିଥାଏ ।

- ତରଭୁଜ ଏସିଡିଟି ସମସ୍ୟାରୁ ମୁକ୍ତି ଦେବା ସହିତ ପାଚନ ପ୍ରକ୍ରିୟା ନିୟନ୍ତ୍ରଣ କରେ ।
- ଏହି ଜୁସ୍‌କୁ ନିୟମିତ ପିଇଲେ ହାର୍ଟ ଆଟାକରୁ ମୁକ୍ତି ମିଳେ ।
- ଏଥିରେ ଥିବା ଭିଟାମିନ ଏ ଓ ସି ଶରୀରକୁ ସୁସ୍ଥ ରଖେ ।
- ଏଥିରେ ଥିବା ଭିଟାମିନ ଏ ଆଖି ପାଇଁ ହୋଇଥାଏ ଲାଭଦାୟକ ।
- ମଧୁମେହ ରୋଗ ପାଇଁ ଏହାମହୋଷଧୀ ସଦୃଶ କାର୍ଯ୍ୟ କରେ ।
- ଏଥିରେ ୩ରୁ ୬ ପ୍ରତିଶତ ପ୍ରୋଟିନ ରହିଥାଏ । ଏହା ମାଂସପେଶୀ ନିର୍ମାଣରେ ସହାୟତା କରେ ।
- ତରଭୁଜ ଜୁସ୍ ମେଦବହୁଳତା କମାଇବାରେ ସାହାଯ୍ୟ କରିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି ।



# ଘରକୁ କାଉ ଆସିବା ଶୁଭ ନା ଅଶୁଭ ?

ଆପଣ ନିଶ୍ଚିତ ଭାବରେ କାଉମାନଙ୍କୁ ଘର ଉପରେ ବସିଥିବାର କିମ୍ବା ଦାନା ଖାଉଥିବାର ଦେଖିଥିବେ। ଅନେକ ଲୋକ ବୁଝିପାରନ୍ତି ନାହିଁ ଏହି କାଉମାନଙ୍କର ଘରକୁ ଆସିବା କିମ୍ବା ରାସ୍ତାରେ ଦେଖିବା ଶୁଭ କି ଅଶୁଭ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା କାଉକୁ ଦେଖିବା ଏବଂ ତାହାର ଶୁଭ ଅଶୁଭ ହେବାର ରହସ୍ୟ ବିଷୟରେ।
ଶକୁନ ଶାସ୍ତ୍ର ଅନୁଯାୟୀ, ଘରର ଛାତ ଉପରେ କାଉ ବସିବା ଶୁଭ ବୋଲି ବିବେଚନା କରାଯାଏ। ବିଶ୍ୱାସ କରାଯାଏ ପ୍ରକୃତି କାଉମାନଙ୍କୁ ଭବିଷ୍ୟତ ଦେଖିବା ପାଇଁ ଆଶ୍ଚର୍ଯ୍ୟଜନକ ଶକ୍ତି ଦେଇଛି। ସେଥିପାଇଁ ସେ ଆଗାମୀ ସମୟକୁ ଆଗୁଆ ଅନୁମାନ କରିପାରନ୍ତି। ଆପଣଙ୍କୁ ସଚେତନ କରିବା ପାଇଁ ସେମାନେ ଘରର ଛାତ ଉପରେ ପହଞ୍ଚିଯାଆନ୍ତି। ଚାଲନ୍ତୁ ଜାଣିବା କାଉମାନଙ୍କ ବିଭିନ୍ନ ସଙ୍କେତ ବିଷୟରେ...



## କାଉ ପାଣି ପିଉଥିବାର ଦେଖିବା :

ଶକୁନ ଶାସ୍ତ୍ର ଅନୁଯାୟୀ, ଯଦି ଆପଣ କାଉକୁ କୌଣସି ପାତ୍ରରେ ପାଣି ପିଉଥିବାର ଦେଖନ୍ତି, ତେବେ ଏହା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାର ଅର୍ଥ ଆପଣ ଭବିଷ୍ୟତରେ ଧନ ପାଇବାକୁ ଯାଉଛନ୍ତି କିମ୍ବା କୌଣସି ବଡ କାର୍ଯ୍ୟରେ ସଫଳତା ପାଇବାକୁ ଯାଉଛନ୍ତି।

## ଛାତ ଉପରେ କାଉ ଝଗଡା କରିବା :

ଅନେକ ଥର ଆପଣ ଛାତ ଉପରେ କାଉମାନେ ଝଗଡା କରୁଥିବାର ଦେଖିଥିବେ। ଶକୁନ ଶାସ୍ତ୍ର ଅନୁଯାୟୀ, ଏହା ଅଶୁଭ ସଙ୍କେତ ହୋଇଥାଏ। ଏହାର ଅର୍ଥ ସେହି ଘରର ମାଲିକ ଶୀଘ୍ର ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ସେହି ବ୍ୟକ୍ତି ଆର୍ଥିକ ସଙ୍କଟରେ ବୁଡ଼ିବାକୁ ଯାଉଛନ୍ତି କିମ୍ବା ଘରେ କଳହ ଲାଗିବାର ଅଛି।

## ମୁହଁରେ ଖାଦ୍ୟ ଧରିଥିବା କାଉ ଦେଖିବା :

ଯଦି ଆପଣ କାଉକୁ ଖାଦ୍ୟ କିମ୍ବା ରୁଟି ଖଣ୍ଡ ଧରି ବସିଥିବାର ବା ଉଡୁଥିବାର ଦେଖନ୍ତି, ତେବେ ଏହା ଶୁଭ ହୋଇଥାଏ। ଏହାର ଅର୍ଥ ଆପଣଙ୍କର କିଛି ବଡ ଇଚ୍ଛା ଶୀଘ୍ର ପୂରଣ ହେବାକୁ ଯାଉଛି।

## ଘରର ଦ୍ୱାରରେ କାଉ ରାବିବା :

ଯଦି କାଉ ଘରର ମୁଖ୍ୟ ଫାଟକକୁ ଆସି କା-କା ରାବେ, ତେବେ ଏହାର ଅର୍ଥ ଆପଣଙ୍କ ଘରକୁ ଅତିଥି ଆସିବେ। ଏହା ମା ଲକ୍ଷ୍ମୀ ବା ଧନର ଆଗମନକୁ ପ୍ରତୀକ କରେ।

# ବର୍ଷାଦିନ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସ

ବର୍ଷାଦିନେ ଥଣ୍ଡା, କାଶ ଭଳି ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ପାଣିପାଗ ବଦଳୁଥିବାରୁ ଭାଇରାଲ ଇନ୍‌ଫେକଶନ୍ ହୁଏ। ତେବେ ବିଭିନ୍ନ ପ୍ରକାର ଘରୋଇ ଉପାୟରେ ବି ଏହି ସମସ୍ୟାର ସମାଧାନ କରିପାରିବେ...

-ବର୍ଷାଦିନେ ଯଦି କାଶ ହେଉଥାଏ ତେବେ ମହୁରେ ଲେମ୍ବୁରସ ମିଶାଇ ପିଅନ୍ତୁ। ଏକ ଗ୍ଲାସ୍ ପାଣି ଗରମକରି ସେଥିରେ ଲେମ୍ବୁରସ ଓ ମହୁ ମିଶାଇ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ। କିଛିଦିନ ପରେ କାଶ କମିଯିବ।
-ଥଣ୍ଡାରୁ ଅତି ସହଜରେ ମୁକ୍ତି ପାଇବା ପାଇଁ ତୁଳସୀପତ୍ର ସହ ଅଦା ମିଶାଇ ଖାଆନ୍ତୁ। ସକାଳୁ ସ୍ନାନ ପରେ ଏହାକୁ ସିଧାସଳଖ ଚୋବାଇ ଖାଇପାରିବେ କିମ୍ବା ଏହାକୁ ପାଣି ଅଥବା ଚା' ସହିତ ସିଝାଇ ପିଇପାରିବେ।
-ଥଣ୍ଡାକାଶ ଆଦି ବିଭିନ୍ନ ସମସ୍ୟା ଦୂରକରିବା ସହିତ ଅତି ସହଜରେ ନିଜ ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ ହେଲେ ଗୁଳୁଚି ଅତ୍ୟନ୍ତ ଉପକାରୀ। ତେଣୁ ଗୁଳୁଚିକୁ ପାଣିରେ ସିଝାଇ କାଢ଼ା କରି ପିଅନ୍ତୁ। ପ୍ରାକୃତିକ ଉପାୟରେ ଏହି ମାଧମରେ ଇମ୍ୟୁନିଟି ଶକ୍ତି ବଢ଼ିବା ସହ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିବ।
-ହଳଦୀରେ ମଧ ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ରହିଛି। ଥଣ୍ଡା, କାଶ ପାଇଁ ତ ଏହା ଅତ୍ୟନ୍ତ ଫଳପ୍ରଦ। ଏକ ଗ୍ଲାସ୍ ଉଷୁମ କ୍ଷୀରରେ ୨ ଚାମଚ ହଳଦୀଗୁଣ୍ଡ ମିଶାଇ ପ୍ରତିଦିନ ପିଅନ୍ତୁ। ଖାଲି ସେତିକି ନୁହେଁ , ହଳଦୀକୁ ପାଣିରେ ସିଝାଇ କାଢ଼ା ଭଳି ମଧ ପିଇପାରିବେ।
ସକାଳୁ ଗରମପାଣି ସହ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ଥଣ୍ଡା ଭଲ ହୋଇଥାଏ।



## ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର : ଯୁକ୍ତ୨ କଳା ଓ ଧନ୍ଦାମୂଳକ ବିଭାଗର ପରୀକ୍ଷାଫଳ ଅଗଷ୍ଟ ୮ ତାରିଖରେ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଦିନ ଘୋଷଣା କରିଛନ୍ତି। ଶ୍ରୀ ଦାଶ କହିଛନ୍ତି ଯେ କୋଭିଡ୍ ସମସ୍ୟା ଭିତରେ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରି ପ୍ରାୟ ଦୁଇ ମାସ ବିଳମ୍ବରେ ଏପ୍ରିଲ ଶେଷ ସପ୍ତାହରୁ ପରୀକ୍ଷା ଆରମ୍ଭ ହୋଇଥିଲା। ବହୁତ କମ୍ ସମୟ ମଧ୍ୟରେ ପରୀକ୍ଷା ଶେଷ କରି ଫଳ ପ୍ରକାଶ କରାଯାଇଛି। ବିଜ୍ଞାନ ଓ ବାଣିଜ୍ୟ ଖାତା ଅନ୍‌ଲାଇନ୍‌ରେ ମୂଲ୍ୟାୟନ ହୋଇଥିଲା। ଏକ ଲକ୍ଷରୁ କମ୍ ପରୀକ୍ଷାର୍ଥୀ ରହିଥିବାରୁ ଜୁଲାଇ ଭିତରେ ଫଳ ପ୍ରକାଶ କରାଯାଇପାରିଲା। କଳା ଓ ଧନ୍ଦାମୂଳକ ବିଭାଗର ମୂଲ୍ୟାୟନ ଶେଷ ହୋଇଛି। ଟାବୁଲେସନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୮ ତାରିଖରେ ଫଳ ପ୍ରକାଶ କରାଯିବ। ସମସ୍ତ ୪ଟି ବିଭାଗ ପରୀକ୍ଷା ଫଳ ପ୍ରକାଶ ପରେ ଯାଇ ଇ-ଆଡିସନ୍ ମାର୍କ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ।

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର : ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବୁଧବାର ଦିନ ଓଏଏସ୍ ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ୩୩ଜଣ ଓଏଏସ୍ ଅଧିକାରୀଙ୍କର ବଦଳି ହୋଇଥିବାବେଳେ ୩୨ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ଦିଆଯାଇଛି। କିଛି ବିଡିଓଙ୍କୁ ଅନ୍ୟ ବ୍ଲକକୁ ବଦଳି ହୋଇଥିବାବେଳେ ୫ଜଣ ତହସିଲଦାର, ଜଣେ ଡେପୁଟି କଲେକ୍ଟରଙ୍କର ବିଡିଓ ଭାବେ ବଦଳି ହୋଇଛି। ଏକାଧିକ ବ୍ଲକ ଦାୟିତ୍ୱରେ ଥିବା ବିଡିଓଙ୍କୁ ଗୋଟିଏ ବ୍ଲକର ଦାୟିତ୍ୱ ଦିଆଯାଇଛି। ଏହାସହ ରଣପୁର ବିଡିଓଙ୍କୁ ଭୁବନେଶ୍ୱରସ୍ଥିତ ଆରପିଆରସିର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି।

## ଏଣିକି ଏଟିଏମରେ ମିଳିବ ରାସନ, ଭୁବନେଶ୍ୱରରୁ ଆରମ୍ଭ ହେବ ବ୍ୟବସ୍ଥା



ଭୁବନେଶ୍ୱର: ଏଣିକି ଏଟିଏମ୍‌ରେ ମିଳିବ ରାସନ୍। ଏଟିଏମ୍‌ରୁ ଟଙ୍କା ଉଠାଇବା ଭଳି ମିଳିବ ରାସନ। ଦିଆଯାଇଥିବା କାର୍ଡ ମାଧ୍ୟମରେ ରାସନ ଉଠାଇ ପାରିବେ ହିତାଧିକାରୀ। ବିଧାନସଭାରେ ଖାଦ୍ୟ ଓ ଯୋଗାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ଏହି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଖାଦ୍ୟ ସୁରକ୍ଷା ଯୋଜନାରେ ଓଡିଶା ଏକ ମଡେଲ ରାଜ୍ୟ ହୋଇଛି। ଦିନକୁ ଦିନ ଏହି ବ୍ୟବସ୍ଥାକୁ ଅଧିକ ସରଳୀକରଣ କରାଯାଉଛି। ରାଜ୍ୟ ସରକାର ଅଲଟାଇମ ଗ୍ରେନ ବ୍ୟବସ୍ଥା କରୁଛନ୍ତି । ୨୪ଘଣ୍ଟା ରାସନ ମିଳିବା ସେଥିପାଇଁ ପାଇଲଟ ପ୍ରୋଜେକ୍ଟ ଭାବେ ଭୁବନେଶ୍ୱରରୁ ଏଭଳି ବ୍ୟବସ୍ଥା ଆରମ୍ଭ ହେବ। ଏହା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଧୀରେ ଧୀରେ କାର୍ଯ୍ୟକ୍ଷମ ହେବ । ସେହିପରି ଏଣିକି ବିନା ସୁଧରେ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ସମବାୟ ବ୍ୟାଙ୍କ ଜରିଆରେ ଋଣ ଯୋଗାଇ ଦିଆଯିବ। ଆଗରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିଲା। ଏନେଇ ସମବାୟ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକ ସୂଚନା ଦେଇଛନ୍ତି । ସେହିପରି ବିଧାନସଭାରେ ଗୃହୀତ ହୋଇଛି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ଖର୍ଚ୍ଚ ଦାବି। ଖାଦ୍ୟ ଯୋଗାଣ ବିଭାଗର ୧୨ଶହ ୫କୋଟି ୨୯ ଲକ୍ଷ ୪୯ହଜାର ଟଙ୍କା ହୋଇଥିବା ବେଳେ ସମବାୟ ବିଭାଗର ୧୯ଶହ ୪୧କୋଟି ୧୪ଲକ୍ଷ ୧୫ ହଜାର ଟଙ୍କା ବେୟ ବରାଦ କରାଯାଇଛି। ଖାଦ୍ୟ ଓ ଶଷ୍ୟ ରହୁଥିବା ଗୋଦାମ ଗୃହକୁ ଅଟୋ ମେସନ କରିବା ସହିତ କି ଗୁଣାତ୍ମକ ଯୁକ୍ତ ଶଷ୍ୟ ପହଞ୍ଚିବ ସରକାର ବ୍ୟବସ୍ଥା କରୁଛନ୍ତି।

## ୨୫ ମେଟ୍ରିକ୍ ମେଧାବୀଙ୍କୁ ଲାପଟପ୍ ପ୍ରଦାନ



ଭୁବନେଶ୍ୱର : ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବିଜୁ ଛାତ୍ର ଜନତା ଦଳ ସଂଯୋଜନାରେ 'ବିଜୁ ପ୍ରତିଭା ସମ୍ମାନ-୨୦୨୨' ୟୁନିଟ୍-୬ ସ୍ଥିତ ଲେବର ସେଲ ଅଫିସର ପ୍ରେକ୍ଷାଳୟରେ ଆୟୋଜିତ ହୋଇଛି। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶ୍ରେଷ୍ଠ ୨୫ଜଣଙ୍କୁ ଲାପଟପ୍ ପ୍ରଦାନ କରିବା ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ବିଧାୟକ ଦେବୀ ମିଶ୍ର, ପ୍ରଣବ ବଳବନ୍ତରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ, ସଞ୍ଜୀବ ମଲିକ, ସୁନନ୍ଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଶା ମୋ ପରିବାରର ସଂଯୋଜକ ରୁଦ୍ର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

## ଅଗଷ୍ଟରେ ୯ ଦିନ ବ୍ୟାଙ୍କ ବନ୍ଦ




ଭୁବନେଶ୍ୱର : ଅଗଷ୍ଟ ମାସରେ ଓଡ଼ିଶାରେ ୯ ଦିନ ବ୍ୟାଙ୍କ ବନ୍ଦ ରହିବ। ଉକ୍ତ ମାସରେ ୪ଟି ରବିବାର ସମେତ ଦ୍ୱିତୀୟ ଓ ଚତୁର୍ଥ ଶନିବାର ପାଇଁ ୬ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହାବ୍ୟତୀତ ୧୫ ତାରିଖରେ ସ୍ୱାଧୀନତା ଦିବସ, ୧୮ ତାରିଖ ଜନ୍ମାଷ୍ଟମୀ ଏବଂ ୩୧ ତାରିଖ ଗଣେଶ ପୂଜା ପାଇଁ ବ୍ୟାଙ୍କ ଛୁଟି ରହିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କ ଲଗାତାର ୩ ଦିନ ବନ୍ଦ ରହିବା। କାରଣ ୧୩ ତାରିଖ ଦ୍ୱିତୀୟ ଶନିବାର, ୧୪ ତାରିଖ ରବିବାର ଓ ୧୫ ତାରିଖ ସ୍ୱାଧୀନତା ଦିବସ ପଡୁଛି। ଉପରୋକ୍ତ ଛୁଟି ଗୁଡ଼ିକ ମଧ୍ୟରୁ କେତୋଟି ଛୁଟି ଦେଶର ସବୁ ସ୍ଥାନରେ ଦେଖିବାକୁ ମିଳିବ। ରାଜ୍ୟ ଓ ଅଞ୍ଚଳ ଅନୁସାରେ ଅନ୍ୟ ଛୁଟି ଦିନଗୁଡ଼ିକରେ ଭିନ୍ନତା ରହିପାରେ।

# ୪୧ଜଣ ସହକାରୀ ସରକାରୀ ଓକିଲ ନିଯୁକ୍ତି ପାଇଲେ




ଭୁବନେଶ୍ୱର : ଆଇନ ଆଗରେ ସମସ୍ତେ ସମାନ। ଏହା କେବଳ କଥାରେ ସୀମିତ ନରହୁ। ଗରିବରୁ ଅତି ଗରିବ ଲୋକ ଏହାକୁ ଅନୁଭବ କରିବା ଦରକାର ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ସେମାନଙ୍କର ସଂପୂର୍ଣ୍ଣ ବିଶ୍ୱାସ ରହିବା ଦରକାର।

ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ନବନିଯୁକ୍ତ ୪୧ଜଣ ସହକାରୀ ସରକାରୀ ଓକିଲଙ୍କ ପାଇଁ ଆୟୋଜିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ସହକାରୀ ସରକାରୀ ଓକିଲଙ୍କୁ ସ୍ୱାଗତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଲୋକଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଏକ ନ୍ୟାୟପୂର୍ଣ୍ଣ ତଥା ସମାନ ସମାଜ ନେଇ ଆମର ଥିବା ଦୃଷ୍ଟିକୋଣକୁ ଲୋକମାନେ ଅନୁଭବ କରିବା ଦରକାର। ସେ କହିଥିଲେ ଯେ, ଅଧିକାଂଶ ନବନିଯୁକ୍ତ ଉଚ୍ଚ ଶିକ୍ଷିତ ଏବଂ ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ଲୋକଙ୍କୁ ନ୍ୟାୟ ଦେବାରେ ଏହା ସହାୟକ ହେବ। ମୁଁ ନିଶ୍ଚିତ ଯେ ସହକାରୀ ସରକାରୀ ଓକିଲମାନେ ଗରିବ ଏବଂ ଅବହେଳିତମାନଙ୍କୁ ସେବା ଯୋଗାଇବାରେ ଯଥାସମ୍ଭବ ଉଦ୍ୟମ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଦଣ୍ଡବିଧାନ ହାର ଆହୁରି ଉନ୍ନତି ହେବା ଦରକାର। ୫ଟି ପଦକ୍ଷେପରେ ବୈଷୟିକ ଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ତ୍ୱରିତ୍ ଓ ସ୍ୱଚ୍ଛ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଉଛି। ଏହି ଅବସରରେ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ନବନିଯୁକ୍ତ ଓକିଲମାନଙ୍କୁ ସ୍ୱଚ୍ଛ ଓ ସଚ୍ଚୋଟତାର ସହ କାମ କରିବାକୁ ଉପଦେଶ ଦେଇଥିଲେ। ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ କହିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏପିପିମାନଙ୍କୁ ଲୋକଙ୍କ ବିଶ୍ୱାସ ଓ ଆତ୍ମବିଶ୍ୱାସ ଜିତିବା ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିବାବେଳେ ପବ୍ଲିକ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କିଛି ନବନିଯୁକ୍ତ ସହକାରୀ ସରକାରୀ ଓକିଲ ସେମାନଙ୍କର ଅଭିଜ୍ଞତା କହିଥିଲେ।

## ପୁରୀ ବିମାନବନ୍ଦର ପ୍ରକଳ୍ପର ବୈଷୟିକ ଅନୁଧ୍ୟାନ



ପୁରୀ : ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର। ଏହି ପ୍ରସ୍ତାବକ୍ରମେ ବିମାନବନ୍ଦର ପାଇଁ ଆବଶ୍ୟକ ଭିତ୍ତିଭୂମିର ଆରମ୍ଭ ହୋଇଛି ବ୍ୟାପକ ସର୍ଭେ କାମ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ବିମାନବନ୍ଦର ନିର୍ମାଣସ୍ଥଳର ଭୌଗୋଳିକ ସ୍ଥିତି ଅନୁଧ୍ୟାନ କରାଯାଇ ସବୁଜ ସଙ୍କେତ ମିଳିବାପରେ ଗତବର୍ଷ ମନ୍ତ୍ରାଳୟ ପକ୍ଷରୁ ମଲ୍‌ଟି ଡିସିପ୍ଲିନାରି ଟିମ୍ ଚିହ୍ନଟ ଜମିର ପ୍ରି-ଫିଜିବିଲିଟି ଅଧ୍ୟୟନ କରିଥିଲେ। ଏହାର ବୈଷୟିକ ଅନୁଧ୍ୟାନ କରାଯାଇଛି। ବିମାନବନ୍ଦର ପାଇଁ ପ୍ରସ୍ତାବିତ ଜମିର ସ୍ଥିତାବସ୍ଥା ଜାଣିବା ପାଇଁ ନିୟୋଜିତ ବୈଷୟିକ ଦଳ ସହପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଡ୍‌କୋ ସହ ବିମାନବନ୍ଦର ବୈଷୟିକ ଅଧ୍ୟୟନ ଉପରେ ଏକ୍ସପର୍ଟ ସଂସ୍ଥା ଡେଲୟେଡ୍‌ର ତିନିଜଣିଆ ଜଣିଆ ଦଳ ଆଜି ଜିଲ୍ଲାପାଳଙ୍କ ସହ ବିମାନବନ୍ଦର ରୂପରେଖ ଓ ଜମିଜମା ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରସ୍ତାବିତ ଅଞ୍ଚଳର ନକ୍ସା ଦେଖିଛନ୍ତି। ବୈଷୟିକ ଦୃଷ୍ଟିକୋଣ(ଟେକ୍ନୋ ଫିଜିବିଲିଟି ଷ୍ଟଡି)ରୁ ଏହି ଜମି କେତେଦୂର ସଫଳ, ତାହା ଅନୁଧ୍ୟାନ କରିଛନ୍ତି। ପୁରୀ ଜିଲ୍ଲା ବ୍ରହ୍ମଗିରି ମୌଜା ଗିରଳ ନିକଟ ଶିପସରୁବାଲି ଓ ଷଣ୍ଢପୁର ଅଞ୍ଚଳରେ ପ୍ରାୟ ୧୨ଶହ ଏକର ଜାଗାରେ ବିମାନବନ୍ଦର ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ଯେଉଁଥିରୁ ୧୧୬୫ ଏକର ଜମିରେ ବିମାନବନ୍ଦର ଓ ବାକି ଜମିରେ ପ୍ରଶାସନିକ କୋଠା ନିର୍ମାଣର ଲକ୍ଷ୍ୟ ରଖାଯାଇଛି।

## ୨୦୨୧ରେ ନିୟନ୍ତ୍ରଣାଧୀନ ରହିଛି ଆଇନଶୃଙ୍ଖଳା

ଭୁବନେଶ୍ୱର: ଗୃହ ବିଭାଗ ୨୦୨୧ର ଶ୍ୱେତପତ୍ର ଜାରି କରିଛି । ଗୃହ ବିଭାଗର ୨୦୨୧ ବର୍ଷର ଶ୍ୱେତପତ୍ର ସମସ୍ତ ବିଧାୟକଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟରେ ଆଇନଶୃଙ୍ଖଳା ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଥିବା ଶ୍ୱେତପତ୍ରରେ ଉଲ୍ଲେଖ ରହିଛି । ମାଓବାଦୀଙ୍କ ସହ ୨୧ଟି ଗୁଳି ବିନିମୟ ଘଟଣା ସହ ମୋଟ ୨୮ଟି ଘଟଣା ଘଟିଛି । ୨୦୨୧ ମସିହାରେ ରାଜ୍ୟରେ କୌଣସି ଛାତ୍ର ଅଶାନ୍ତି ଦେଖା ଦେଇନଥିଲା । ଏଯାଏଁ ରାଜ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହୋଇନାହିଁ ବୋଲି ଶ୍ୱେତପତ୍ରରେ ପ୍ରକାଶ କରାଯାଇଛି । ୨୦୨୧ ବର୍ଷରେ ରାଜ୍ୟରେ ବାମପନ୍ଥୀ ଓ ଉଗ୍ରବାଦୀ ସ୍ଥିତି ସାମଗ୍ରୀକ ଭାବେ ନିୟନ୍ତ୍ରଣାଧୀନ ଥିଲା । ରାଜ୍ୟରେ ମାଓ ହିଂସା ହ୍ରାସ ପାଇବା ସହ ମାଓବାଦୀଙ୍କ ପ୍ରତି ଜନ ସମର୍ଥନ ମଧ୍ୟ ହ୍ରାସ ପାଇଛି । ୧୦ଟି ମାଓ ପ୍ରଭାବିତ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ ହୋଇଛି । ମାଓବାଦୀଙ୍କ ସହ ଗୁଳି ବିନିମୟରେ ୭ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ, ୩୬ ଜଣଙ୍କୁ ଗିରଫ କରାଯାଇଛି । ୨୧ ଜଣ ଆତ୍ମସମର୍ପଣ କରିଥିବା ବେଳେ ୩୦ଟି ବନ୍ଧୁକ, ୪୮ଟି ବିସ୍ଫୋରକ ଭଳି ବହୁ ସାମଗ୍ରୀ ଜବତ ହୋଇଛି। । ଶ୍ୱେତପତ୍ରର ତଥ୍ୟ ଅନୁସାରେ, ୨୦୨୧ ମସିହାରେ ୧ ଲକ୍ଷ ୫୫ ହଜାର ୪୨୦ଟି ଧର୍ତ୍ତବ୍ୟ ଅପରାଧ ରୁଜୁ କରାଯାଇଛି । ସେଥିରୁ ହଜାରେ ୩୯୪ଟି ହତ୍ୟା, ୫୫୨ଟି ଡକାୟତି, ୨୮୨୬ଟି ଲୁଣ୍ଠନ, ୫୧୩୩ଟି ସିନ୍ଧି ଚୋରି, ୧୩ ହଜାର ୨୪ଟି ଚୋରି, ୫୧୩୮ଟି ପ୍ରତାରଣା, ୨୨୨୦ଟି ଦଙ୍ଗା, ୩୩୨୭ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ରାଜ୍ୟରେ ଯେ?ତୁକ ନିର୍ଯାତନା ମାମଲା ମଧ୍ୟରୁ ୧୦୯୬ଟି ମକଦ୍ଦମା ତଦନ୍ତାଧିନ ରହିଛି । ଚୋରି ମାମଲାରେ ୫୪୫୮, ପ୍ରତାରଣାରେ ୧୪୦୬, ମାରପିଟରେ ୧୩୭୭ ଓ ଦୁଷ୍କର୍ମରେ ୨୩୩୫ଟି ମାମଲାର ଚାର୍ଜସଟ୍ ଦାଖଲ ହୋଇଛି । ସେହିପରି ଗତବର୍ଷ ୧୦ ହଜାର ୯୮୩ ମୋଟର ଯାନ ଦୁର୍ଘଟଣା ରୁଜୁ ହୋଇଛି । ସାମଗ୍ରିକ ଭାବେ ରୁଜୁ ହୋଇଥିବା ମାମଲା ମଧ୍ୟରୁ ୧ ଲକ୍ଷ ୪୯ ହଜାର ୨୩୨ଟି ମାମଲା ସତ୍ୟ ବୋଲି ଜଣାପଡ଼ିଛି । ଏହା ମଧ୍ୟରୁ ୧ ଲକ୍ଷ ୬ ହଜାର ୨୮୩ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି ।

## ବରଗଡ଼-ନୂଆପଡ଼ା ନୂତନ ରେଲୱେ ଲାଇନ ଅନୁମୋଦନ ପାଇଥିବାରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ନୂଆଦିଲ୍ଲୀ ଜନ ସାଧାରଣଙ୍କ ବହୁ ଦିନର ଆଶା ଆକାଂକ୍ଷା ଓ ଦାବି ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ମୋହର ମାରି ବରଗଡ଼ରୁ ନୂଆଁପଡ଼ା ପର୍ଯ୍ୟନ୍ତ ନୂତନ ରେଲୱେ ଲାଇନକୁ ଅନୁମୋଦନ କରିଥିବାରୁ ନୂଆଦିଲ୍ଲୀ ରେଲୱେ ଭବନରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପଦ୍ମପୁର ଓ ନୂଆପଡ଼ାବାସୀଙ୍କ ତରଫରୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ବରଗଡ଼ ସାଂସଦ ସୁରେଶ ପୂଜାରୀ, ପଦ୍ମପୁର ପୂର୍ବତନ ବିଧାୟକ ତଥା ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ବିଜେପି ବରିଷ୍ଠ ନେତୃମଣ୍ଡଳୀ ଗୋବର୍ଦ୍ଧନ ଅଗ୍ରୱାଲ, ପ୍ରୀତେଶ ବହିଦାର, ସରୋଜ ପାଣିଗ୍ରାହୀ, ସରୋଜ ସାମଲ, ମଦନ ମୋହନ ପଟେଲ, ଡା. ଲମ୍ବୋଦର ପଣ୍ଡା, ଡା ଶ୍ରୀକାନ୍ତ ପାଣିଗ୍ରାହୀ ମାନ୍ୟବର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ସହ ଅଂଚଳବାସୀଙ୍କ ତରଫରୁ ଧନ୍ୟବାଦ ଦେଇଥିଲେ। ତୁରନ୍ତ ଯେଭଳି ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ସେଥିପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଯାଇଥିବାବେଳେ ପ୍ରାଥମିକତା ଦିଆଯାଇ ବହୁ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ନିର୍ଭର ପ୍ରତିଶ୍ରୁତି ଦେଇଥିବାର ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି ।

## ପ୍ରତିବର୍ଷ ହେବ 'ଓଡ଼ିଶା ଫୁଡ୍‌ପ୍ରୋ'

ଭୁବନେଶ୍ୱର: ଓଡ଼ିଶାକୁ ଦୁନିଆର ଖାଦ୍ୟ ପ୍ରକ୍ରିୟାକରଣ ମାନଚିତ୍ରରେ ସାମିଲ କରିବା ଉଦ୍ଦେଶ୍ୟ ନେଇ ଆୟୋଜନ କରାଯାଇଥିବା ଓଡ଼ିଶା ଫୁଡ୍‌ପ୍ରୋ ୨୦୨୨ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି ଓଡ଼ିଶା ଫୁଡପ୍ରୋକୁ ଏକ ବାର୍ଷିକ କାର୍ଯ୍ୟକ୍ରମ ପରିଣତ କରାଯିବ। ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗ ଏହାକୁ ପ୍ରତିବର୍ଷ ଆୟୋଜନ କରିବ। ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କ ଅଂଶଗ୍ରହଣକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ଆଧୁନିକ ଯୋଗାଣ ଶୃଙ୍ଖଳର ସେମାନେ ସହଯୋଗୀ ହେବେ ବୋଲି ସେ କହିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମହିଳା ଏସ୍ଏଚ୍‌ଜିମାନେ ଅଧିକ ଯୋଡ଼ି ହେବେ ଓ ନିଜକୁ ସମୃଦ୍ଧ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଶିଳ୍ପ ନୀତି ୨୦୧୫, ଏମ୍ଏସ୍ଏମ୍ଇ ନୀତି ୨୦୧୬ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ବହୁ ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀଙ୍କ ଲଘୁ ଖାଦ୍ୟ ପ୍ରକ୍ରିୟାକରଣ ସ୍କିମ୍‌କୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରିବ। ଚାଷୀଙ୍କ ଆୟ ବଢ଼ାଇବା, ଅମଳ ପରବର୍ତ୍ତୀ କ୍ଷତି କମ୍ କରିବା ଏବଂ ମୂଲ୍ୟ ଯୋଗ ପାଇଁ ଏହି କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି। ଓଡ଼ିଶାର ଭୌଗୋଳିକ ସ୍ଥିତି, ପାଣିପାଗ ଓ ଫସଲରେ ବିବିଧତା ଏହି କ୍ଷେତ୍ରରେ ରାଜ୍ୟକୁ ଆଗକୁ ବଢ଼ାଇବା ପାଇଁ ସୁହାଇବ ବୋଲି ସେ କହିଛନ୍ତି। ଓଡ଼ିଶା ଫୁଡ୍‌ପ୍ରୋ ୨୦୨୨ ହେଉଛି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯେଉଁଥିରେ ଭାରତୀୟ ଖାଦ୍ୟ ବ୍ୟବସ୍ଥାର ନିବେଶକ, ନିର୍ମାତା, ଉତ୍ପାଦନକାରୀ, ପ୍ରକ୍ରିୟାକରଣକାରୀ, ଷ୍ଟାର୍ଟଅପ୍, ନୀତି ନିର୍ଧାରକ ଓ ସଂସ୍ଥାଗୁଡ଼ିକ ଗୋଟିଏ ସ୍ଥାନରେ ଏକତ୍ରୀତ ହୋଇଛନ୍ତି। ଏହି କ୍ଷେତ୍ରରେ ଚାଷୀ ଓ ଉତ୍ପାଦନକାରୀମାନଙ୍କ ଲାଗି ରହିଥିବା ସୁଯୋଗ ସମ୍ପର୍କରେ ମୁଖ୍ୟ ସଚିବ ସୁରେଶ ମହାପାତ୍ର ଆଲୋଚନା କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୨୨ଜଣ ଆଇନଜୀବୀଙ୍କୁ 'ଲୟର ଅଫ୍ ଦି ଇୟର' ଆୱାର୍ଡ



କଟକ: ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଓଡ଼ିଶା ଜୁଡିସିଆଲ ଏକାଡେମିଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ 'ଲୟର ଅଫ ଦି ଇୟର-୨୦୨୧' ଆୱାର୍ଡ ବିଭିନ୍ନ ଜିଲ୍ଲାର ୨୨ଜଣ ଟ୍ରାଏଲ କୋର୍ଟ ଆଇନଜୀବୀଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର। ସେ କହିଥିଲେ ଯେ ଯେଉଁ ଯୁବ ଆଇନଜୀବୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି, ସେମାନେ ପରପିଢ଼ି ପାଇଁ ରୋଲ୍‌ମଡେଲ ହେବେ। ସବୁସମୟରେ ଆଇନଜୀବୀମାନେ ଯେ କୌଣସି କଠିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ମୁଖ୍ୟ ବିଚାରପତି ଆହ୍ୱାନ ଦେଇଥିଲେ। ହାଇକୋର୍ଟ ସମେତ ନିମ୍ନ ଅଦାଲତ ଭିତ୍ତିଭୂମି ସୁଦୃଢ଼ କରାଯାଇଥିବାବେଳେ ଆଗାମୀଦିନରେ ଏହାକୁ ଆହୁରି ମଜଭୁତ କରାଯିବ ବୋଲି ସେ କହିଥିଲେ। କେତେକ ଜିଲ୍ଲାରେ ଯୁବ ମହିଳା ଆଇନଜୀବୀ ପୁରସ୍କାର ପାଇଁ ଚୟନ ହୋଇଥିବାରୁ ମୁଖ୍ୟ ବିଚାରପତି ଖୁସି ବ୍ୟକ୍ତ କରିଥିଲେ। ଆୟୋଜିତ ଉତ୍ସବରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଭାରତୀୟ ବାର କାଉନସିଲର ପ୍ରାକ୍ତନ ଅଧ୍ୟକ୍ଷ ଗୋପାଳ ସୁବ୍ରମଣ୍ୟମ ଯୋଗଦେଇ ଅଦାଲତରେ ମାମଲା ପରିଚାଳନାରେ ଆଇନଜୀବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଜଷ୍ଟିସ ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ଶଶିକାନ୍ତ ମିଶ୍ର , ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଅଲ୍ ଓଡ଼ିଶା ଲୟର୍ସ ଫେଡେରେସନ ସଭାପତି ନିର୍ମଳ କିଶୋର ରଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ହାଇକୋର୍ଟ ପକ୍ଷରୁ ' ଲୟର ଅଫ ଦି ଇୟର-୨୦୨୧' ଆୱାର୍ଡ ଆଇନଜୀବୀ ସୁଜନକାନ୍ତ ମହାରଣା, ଦେବଦତ୍ତ ଯୋଶୀ, ରାଜୀବ କୁମାର ପାଣି, ଅପ୍ରମିତ ମିଶ୍ର, ପ୍ରୀତମ ମିଶ୍ର, ବିବେକାନନ୍ଦ ନାୟକ, ସିରିନ ତମ୍ମନା, ଗୁଣମଣି ପାଣିଗ୍ରାହୀ, ନିହାରରଞ୍ଜନ ମିଶ୍ର, ସୁନୀଲ କୁମାର ମହାନ୍ତ, ଋଷିକୁଲ୍ୟା ସାମନ୍ତରାୟ, ଅଶୋକ ମିଶ୍ର, ଦୀପ୍ତିରଞ୍ଜନ ରଥ, ନିବେଦିତା ଗିରି, ସନ୍ତୋଷ କୁମାର ନାୟକ, ଅକ୍ଷୟ କୁମାର ପରିଡ଼ା, ଗୌରୀଶଙ୍କର ଶତପଥୀ, ଚିତ୍ତରଞ୍ଜନ ବିଶ୍ୱାଳ, ଗଙ୍ଗାଧର ପାଢ଼ୀ , ବିଦ୍ୟାଧର ପଣ୍ଡା, ଶ୍ୱେତାମ୍ବର ପୁରୋହିତ ଓ ଅଲିଭା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତିଙ୍କ ସହିତ ହାଇକୋର୍ଟ ବାର୍ ଆସୋସିଏସନ ଓ ଅନ୍ୟ ବାର୍ ଆସୋସିଏସନ ସଦସ୍ୟଙ୍କ ସହିତ ବିଚାରବିଭାଗୀୟ ଅଧିକାରୀ ?ଯୋଗ ଦେଇଥିଲେ।

## ସମ୍ପାଦକୀୟ...

ସାଂପ୍ରତିକ ସ୍ଥିତିରେ ଓଡ଼ିଆ ସିନେ ଜଗତର ଦୁଇ ପ୍ରତିଷ୍ଠିତ ଅଭିନେତା / ନେତ୍ରୀଙ୍କ ସଂପର୍କକୁ ନେଇ ସବୁ ଖବର ପ୍ରଚାରର ମାଧ୍ୟମ ପୁରା ବ୍ୟସ୍ତ। ଅତୀତରେ ସେପରି ମଧ୍ୟ ଆଉ ଏକ ଯୋଡ଼ିର କାହାଣୀ ଗଣମାଧ୍ୟମର ମୁଖ୍ୟ ଖବର ଥିଲା। ଅଭିନେତା/ ନେତ୍ରୀ କାହିଁକି ଏକ ଅଟୋ ଚାଳକ ଭାଇର କାହାଣୀ ମଧ୍ୟ ପ୍ରସାରଣର ମୁଖ୍ୟ ଥିଲା।

ଏବେ ବିଚାର କରିବା- ଏଥିପାଇଁ କିଏ ଦାୟୀ? କାହିଁକି ଏପରି ଅଧୋପତନ ମୁହାଁ ଆମେ ସମସ୍ତେ ? ସବୁ ଜାଣିଶୁଣି ଆମେ ଯଦି କେହି ବି ଆସନ୍ତା ପିଢ଼ିର ଭବିଷ୍ୟତ କଥା ଚିନ୍ତା କରିବାନି ତେବେ ଆମେ ଭୁଲ କରୁଛନ୍ତି। ମଣିଷର ସାଧାରଣ ମନସ୍ତତ୍ତ୍ୱ ହେଉଛି ନକରାତ୍ମକ କଥା ବା ବିଷୟବସ୍ତୁ ଆଡ଼କୁ ଆକର୍ଷିତ ହେବା, ଏହାକୁ ବିଜ୍ଞମାନେ ଯଦି ବ୍ୟବସାୟର ଆୟୁଧ କରିବେ ତେବେ କଥା ସରିଲା। ସାଧାରଣ ଲୋକଙ୍କ ପାଖରେ ଖବର ପହଁଚାଉଥିବା ସଂସ୍ଥା ବା ବ୍ୟକ୍ତିବିଶେଷମାନଙ୍କର ଯୁକ୍ତି ଲୋକେ ଯେଉଁ କଥା / ବିଷୟବସ୍ତୁ ଦେଖିବାକୁ ପସନ୍ଦ କରୁଛନ୍ତି। ତେବେ ଏଠି ବିଚାରଯୋଗ୍ୟ ଯେ, ଆମେ ସେମାନଙ୍କଠୁ ଭିନ୍ନ କେଉଁଠି ? ବ୍ୟକ୍ତିଗତ ଭାବେ କିଛି ଲୋକଙ୍କ ସହ କଥା ହେଲାବେଳେ ତାଙ୍କର ଯୁକ୍ତିଥିଲା ଭାଇ ଟିଭି ଖୋଲିଲେ ଖାଲି ସେଇକଥା, ମୋବାଇଲ୍ ଦେଖିଲା ମାତ୍ରେ ଖାଲି ସେଇକଥା... ମଣିଷ କରିବ କ'ଣ? ବେଳେବେଳେ ପରିବାରଠୁ ଅଲଗା ହୋଇ ଦେଖିବାକୁ ପଡୁଛି। ଏଭଳି ବିଷୟକୁ ବାଦ୍ ଦେଇ କ'ଣ ସମାଜ ଉପଯୋଗୀ ବିଷୟବସ୍ତୁ ନାହିଁ? ସତରେ ଏହି ଦୁଇଟା କଥା ଶୁଣିଲା ପରେ ବ୍ୟକ୍ତିଗତ ଭାବରେ ଆମେ କେଉଁଠି ନା କେଉଁଠି ଭୁଲ ମାର୍ଗରେ ପରିଚାଳିତ ହେଉଥିବାର ହୃଦବୋଧ ହେଉଛି। ରାଜ୍ୟରେ ବିଧାନସଭାରେ କ'ଣ ଆଲୋଚନା ହେଉଛି? ଚାଷୀ ପାଇଁ ମୌସୁମୀ ଉପକୂଳ ନୁହେଁ ? ରାଜ୍ୟରେ ସାଧାରଣ ସ୍ୱାସ୍ଥ୍ୟାବସ୍ଥା କ'ଣ? ଛାତ୍ରଛାତ୍ରୀଙ୍କର ପାଠପଢ଼ାରେ କୋଉଠି କ'ଣ କରିହେବ? ଇତ୍ୟାଦି... ମୁଖ୍ୟ ବିଷୟବସ୍ତୁକୁ ଏବେ ଗୌଣ କରିଦିଆଯାଉଛି। ଯେଉଁ କିଛି ବ୍ୟକ୍ତିଗତ / ପାରିବାରିକ ଝଗଡ଼ାକୁ ମୁଖ୍ୟ ଖବର କରାଯାଉଛି ତାହାର କୌଣସି ଭଲ ପ୍ରଭାବ ସମାଜ ଉପରେ ପଡୁନି ବରଂ ଏହା ଆହୁରି ଖରାପ ସ୍ଥିତି ତିଆରି କରୁଛି, ଯେଉଁଠି ଯୁବବର୍ଗର ମାନସିକତାରେ ଭୁଲ ମାର୍ଗରେ ଆକର୍ଷିତ ହେବା ପାଇଁ ବାଟ ଫିଟିଯାଉଛି।

ଘଟଣା ପ୍ରବାହମାନକୁ ଲକ୍ଷ୍ୟ କଲେ ଯେତେବେଳେ ଏହା ଖବର, ପରବର୍ତ୍ତୀ ସମୟରେ ଥାନାକୁ ଉଭୟ ପକ୍ଷ ଗଲାପରେ ଏହା ତଦନ୍ତାଧୀନ ତେଣୁ ସେଉଠୁ ଗଣମାଧ୍ୟମ ନିରପେକ୍ଷ ତଦନ୍ତ ପାଇଁ ବାଟ ଫିଟାଇବା ପରିବର୍ତ୍ତେ ପ୍ରଭାବିତ କରିବାର ପ୍ରକ୍ରିୟାରେ ରହିବା ଯୋଗୁ ସମସ୍ୟା ହେଉଛି। ତା' ପରେ ପୁଣି ପକ୍ଷଭୁକ୍ତ ଖବର ପରିବେଷଣ ଯାହାକି କୁପ୍ରଭାବର ମାର୍ଗକୁ ଆହୁରି ଆଗକୁ ନେଉଛି।

କୌଣସି ବିବାଦ ଏକପାଖିଆ ନୁହେଁ, ଏଥିରେ ଦୁଇ ପକ୍ଷର ସଂପୃକ୍ତି ଅନିର୍ବାଯ୍ୟ। କେବଳ ମାତ୍ରାର ଫରକ। ତେବେ ସମାଜ ପାଇଁ ଚିନ୍ତିତ ଥିବା ବ୍ୟକ୍ତି ଯେଉଁମାନେ ଯୁବାବସ୍ଥା ଅତିକ୍ରମ କରିସାରିଲେଣି ସେମାନେ ଅନ୍ତତଃ ଚିନ୍ତା ପ୍ରକଟ କରନ୍ତୁ। ସମାଜକୁ ଏକ ଗଠନାତ୍ମକ ରାସ୍ତାରେ ନେବା ପାଇଁ ନିଜର ଶକ୍ତି ମୁତାବକ ପ୍ରଭାବ ପକାଇବାର ଚେଷ୍ଟା କରନ୍ତୁ। ସେଭଳି ପ୍ରଚେଷ୍ଟା ନିଜ ପରିବାରରୁ ଆରମ୍ଭ କରାଯାଇପାରିବ, ଯାହାର ସୁଦୁରପ୍ରସାରୀ ପ୍ରଭାବ ପାରିପାର୍ଶ୍ୱରେ ପଡ଼ିବ। କିଛି ବି ଅସମ୍ଭବ ନୁହେଁ। କେବଳ ସତ ଚେଷ୍ଟାର ଆବଶ୍ୟକତା ରହିଛି।

## ନୀତିବାଣୀ

କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ, କାହିଁକି ନା ! ଭବିଷ୍ୟତର ଏପରି ଶକ୍ତି ରହିଛି ସେ ଗୋଟିଏ କୋଇଲାକୁ ମଧ୍ୟ ସୁନାରେ ପରିଣତ କରିପାରିବ।

-ଚାଣକ୍ୟ



# ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି:ପ୍ରତୀକାତ୍ମକ ନା ଆଉ କିଛି

ରବି ଦାସ

ଓଡ଼ିଶାର ସାନ୍ତାଳୀ ପରିବାରର ମହିଳା ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ଭାବରେ ଶପଥ ନେବା ପରେ ଓଡ଼ିଶା ପାଇଁ ଯେତିକି ଗୌରବ ସେହି ପରିମାଣରେ ଭାରତର ସର୍ବନିମ୍ନ ବର୍ଗରେ ଥିବା ଜନଜାତି ଓ ପଛୁଆ ମହିଳାମାନଙ୍କ ପାଇଁ ଏକ ସମ୍ଭାବନାର ବାର୍ତ୍ତା ପ୍ରଦାନ କରୁଥିବାରୁ ସେମାନେ ମଧ୍ୟ ଖୁସିହେବା ସ୍ୱାଭାବିକ। କିନ୍ତୁ ଅସଲକଥା ହେଉଛି ସ୍ୱାଧୀନତାର ପ୍ରାୟ ୭୫ବର୍ଷ ପରେ ସମାଜର ନିମ୍ନବର୍ଗର ଜଣେ ମହିଳା ଦେଶର ରାଷ୍ଟ୍ରପତି ହୋଇଥିବାରୁ ଏହାକୁ ଭାରତୀୟ ଗଣତନ୍ତ୍ରର ବିଜୟ ଯାହାକି ସମ୍ବିଧାନ ପ୍ରଣୟନ ସମୟରେ ଡ. ଆମ୍ବେଦକର କହିଥିଲେ ତାହାର ପ୍ରତିଫଳନ କି? ଆମ୍ବେଦକରଙ୍କ ଉକ୍ତି ଥିଲା ଦେଶରେ ରାଜନୈତିକ ଗଣତନ୍ତ୍ର ପାଇଁ ସମ୍ବିଧାନ କାର୍ଯ୍ୟକଲେ ମଧ୍ୟ ଅସଲ ଗଣତନ୍ତ୍ର ସେତେବେଳେ ପ୍ରତିଷ୍ଠିତ ହେବ ଯେତେବେଳେ ସାମାଜିକ ଗଣତନ୍ତ୍ର ସ୍ଥାପିତ ହେବ। ସାମାଜିକ ଗଣତନ୍ତ୍ରର ସେତିକିବେଳେ ପ୍ରତିଷ୍ଠିତ ହେବ, ଯେତେବେଳେ ସବୁ ନାଗରିକଙ୍କୁ ନ୍ୟାୟ, ମୁକ୍ତି, ସମାନତା ଓ ବ୍ୟକ୍ତି ମର୍ଯ୍ୟାଦା ସହିତ ଭ୍ରାତୃତ୍ୱଭାବ ପ୍ରତିଷ୍ଠିତ ହେବ। ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରାଯିବା ସାମାଜିକ ଗଣତନ୍ତ୍ର ଦିଗରେ ଏକ ସଫଳତା ବୋଲି କ'ଣ କୁହାଯାଇପାରିବ? ଅବଶ୍ୟ ଦ୍ରୌପଦୀ ମୁର୍ମୁଙ୍କର ନାମ ଶାସକ ଭାରତୀୟ ଜନତା ପାର୍ଟି ପ୍ରସ୍ତାବ କରିବା ସମୟଠାରୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ବିରୋଧୀ ରାଜନୈତିକ ଦଳଗୁଡ଼ିକ ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇପାରିଲେ ନାହିଁ। ଦ୍ରୌପଦୀ ମୁର୍ମୁଙ୍କର ବିଜୟ ନେଇ କୌଣସି ସନ୍ଦେହ ନଥିଲେ ମଧ୍ୟ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଭିତରେ ସମନ୍ୱୟ ସ୍ଥାପନ ନକରିପାରିବାର ପରିଣତି ଏପରି ହେଲା ଯେ, ଉପରାଷ୍ଟ୍ରପତି ନିର୍ବାଚନ ଯେଉଁଠାରେ ବିଜେପିର ବିଜୟ ନେଇ କୌଣସି ସନ୍ଦେହ ନାହିଁ ସେଠାରେ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଜଗଦୀପ ଧନକରଙ୍କ ପ୍ରାର୍ଥିତ୍ୱକୁ ସବୁଠାରୁ ଅଧିକ ପ୍ରତିବାଦ କରିବା ଅବସ୍ଥାରେ ଥିବା ତୃଣମୂଳ କଂଗ୍ରେସ ନିର୍ବାଚନରେ ଭାଗନେବ ନାହିଁ ବୋଲି ଘୋଷଣା କରିବା। ବାସ୍ତବରେ ଦେଖିବାକୁ ଗଲେ ବିରୋଧୀ ପକ୍ଷର ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଯଶବନ୍ତ ସିହ୍ନାଙ୍କ ନାମ ଘୋଷଣା ପରେ ପରେ ବିଜେପି ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା କରାଯାଇଥିଲା। ବାସ୍ତବରେ ଦ୍ରୌପଦୀ ମୁର୍ମୁଙ୍କୁ ଶାସକ ଦଳ ପ୍ରାର୍ଥୀ କରିବ ବୋଲି ପୂର୍ବରୁ ଜଣାଥିଲେ ହୁଏତ ବିରୋଧୀ ଦଳମାନେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀ ଘୋଷଣା କରିନଥାନ୍ତେ। କିନ୍ତୁ ସେମାନଙ୍କ ପ୍ରାର୍ଥୀ ଘୋଷଣା ପରେ ବିଜେପି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରି ବିରୋଧୀ ପକ୍ଷକୁ ନିରସ୍ତ୍ର କରିଦେଲେ ଓ ତାହାର ପରିଣତି ନିର୍ବାଚନରେ ପ୍ରତିଫଳିତ ହେଲା। ଅସଲକଥା ହେଉଛି ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ପ୍ରାର୍ଥୀ ନିମନ୍ତେ ବିଜେପି ନିଜ ସ୍ତରରେ ବିଚାର ଆଲୋଚନା କରି ଯେପରି ଭାବରେ ଆଗୁଆ ପ୍ରସ୍ତୁତ ହୋଇଥିଲେ ସେହିପରି ବିରୋଧୀ ପକ୍ଷରୁ ନଥିଲା। ଯେଉଥିପାଇଁ ପ୍ରଥମେ ନାମ ପ୍ରସ୍ତାବ ହେଲା ଶରଦ ପାୱାରଙ୍କର। ସେ ମନା କରିବା ପରେ ଜାମ୍ମୁକାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଓ ପରେ ଗୋପାଳକୃଷ୍ଣ ଗାନ୍ଧୀ ରାଜି ନହେବାରୁ ଯଶୋବନ୍ତ ସିହ୍ନାଙ୍କୁ ପ୍ରାର୍ଥୀ ଘୋଷଣା କରାଗଲା। ଏହା ପଛରେ କୌଣସି ସୁଚିନ୍ତିତ ଯୋଜନା ନଥିବା ଯେକେହି ଦେଖିପାରିବ। ଯେଉଁ ନିର୍ବାଚନରେ ବିରୋଧୀ ଦଳମାନଙ୍କର ବିଶେଷ ନିଜସ୍ୱ ଖାତିର ପ୍ରସଙ୍ଗ ନାହିଁ ସେହି ପ୍ରସଙ୍ଗ ଉପରେ ମଧ୍ୟ ସମସ୍ତେ ମିଳିତ ଭାବରେ କାମ କରିପାରିଲେ ନାହିଁ। ଫଳ ହେଲା ନରେନ୍ଦ୍ର ମୋଦିଙ୍କ ରଣ କୌଶଳ ଆଗରେ ବିରୋଧୀ ପକ୍ଷ ଛିନ୍‌ଛତ୍ର ହୋଇଯାଉଛନ୍ତି ବୋଲି ଏକ ଧାରଣା ଜନ୍ମିଲା। ସେମାନେ ମିଳିତ ଭାବରେ ବିଜେପିକୁ ନୀତିଗତ ଭାବରେ ବା ଆଦର୍ଶଗତ ଭାବରେ ମୁକାବିଲା କରିପାରିବେ ସେପରି ଏକ ବାତାବରଣ ସୃଷ୍ଟି ହୋଇପାରିଲା ନାହିଁ। ଯଦିଓ ରାଜ୍ୟସ୍ତରରେ ଯେଉଁମାନେ ବିଜେପିର ମୁକାବିଲା କରୁଛନ୍ତି ଓ ଶକ୍ତିଶାଳୀ ଅବସ୍ଥାରେ ଅଛନ୍ତି ଯଥା ତୃଣମୂଳ କଂଗ୍ରେସ, ଡିଏମକେ, ଆପ୍ ଏବଂ କେସିଆର ପ୍ରଭୃତି ରାଜ୍ୟ ଭିତରେ ବେଶ୍ ଦୃଢ଼ ଅଛନ୍ତି। ଏପରିକି ଓଡ଼ିଶାର ବିଜୁ ଜନତା ଦଳ ଓ ଆନ୍ଧ୍ରପ୍ରଦେଶର ଜଗନମୋହନ ରେଡ୍ଡୀଙ୍କ ୱାଇଏସଆର ରାଜ୍ୟରେ ବିଜେପି ବିରୋଧୀ ହୋଇଥିଲେ ମଧ୍ୟ ଜାତୀୟ ରାଜନୀତିରେ ସବୁବେଳେ ନରେନ୍ଦ୍ର ମୋଦି ବା କେନ୍ଦ୍ର ସରକାରଙ୍କ ସହିତ ରହିଆସିଛନ୍ତି। ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱ ଆଦିବାସୀ ବହୁଳ ଥିବା ଝାଡ଼ଖଣ୍ଡର ଜେଏମଏମ ଓ ଦଳିତ ରାଜନୀତି କରୁଥିବା ବହୁ ଜନ ସମାଜବାଦୀ ପାର୍ଟି ଉପରେ ପଡ଼ିବା ସ୍ୱାଭାବିକ। ତାହା ଛଡ଼ା ଯେଉଁ ରାଜ୍ୟମାନଙ୍କରେ ଆଦିବାସୀ ଭୋଟ୍ ରହିଛି ଯଥା, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟ ଓ ଏପରିକି ମହାରାଷ୍ଟ୍ର ଉପରେ ମଧ୍ୟ କିଛି ପରିମାଣରେ ପ୍ରଭାବ ବିସ୍ତାର କରିବାରୁ ପାର୍ଲାମେଂଟ ନିର୍ବାଚନରେ ବିରୋଧୀ ପକ୍ଷରୁ ୧୭ଜଣ ପାର୍ଲାମେଂଟ ସଦସ୍ୟ ଓ ୧୨୬ଜଣ ବିଧାନସଭା ସଦସ୍ୟ ମୁର୍ମୁଙ୍କୁ ଭୋଟ୍ ଦେଇଛନ୍ତି। ମୁର୍ମୁ ଜଣେ ଆଦିବାସୀ, ମହିଳା ହୋଇଥିବାରୁ ଓ ସେହି ଅନୁସାରେ ବିଜେପି ପ୍ରାର୍ଥୀ ଦେଇଥିବା ସମୟରେ ବିରୋଧୀ ପକ୍ଷ ପ୍ରାର୍ଥିତ୍ୱରେ ସେପରି କିଛି ନୂତନତ୍ୱ ଆଣିପାରିଲେ ନାହିଁ ଓ ଦ୍ରୌପଦୀ ମୁର୍ମୁ ପ୍ରତୀକାତ୍ମକ ଲଢ଼େଇରେ ଆଗରେ ରହିଲେ।

ଏହା ସମସ୍ତେ ଜାଣନ୍ତି ଯେ, ଆମ୍ବେଦକର ଯେଉଁ ସାମାଜିକ ଗଣତନ୍ତ୍ରର କଥା କହୁଥିଲେ ସେହି ଲକ୍ଷ୍ୟ ଠାରୁ ଭାରତ ସବୁ କ୍ଷେତ୍ରରେ ପଛରେ ରହିଛି। ସେହି ଲକ୍ଷ୍ୟ ହାସଲ ନହେଲା ପର୍ଯ୍ୟନ୍ତ ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଆସନ ଗ୍ରହଣ ଏକ ପ୍ରତୀକାତ୍ମକ ଭାବରେ ବିବେଚିତ ହେବ। ଆମ ଦେଶରେ ଶତକଡ଼ା ୧ଭାଗ ଲୋକଙ୍କ ହାତରେ ଦେଶ ସମ୍ପତିର ୩୩ଭାଗ ରହିଛି। ସେହିପରି ଦେଶର ୫୦ଭାଗ ପଛରେ ଥିବା ଲୋକଙ୍କ ହାତରେ ମାତ୍ର ୧୦ଭାଗ ସମ୍ପତି ରହିଛି। ଯେଉଁମାନେ ଦେଶର ପ୍ରାକୃତିକ ସମ୍ପତିର ପ୍ରକୃତ ଅଧିକାରୀ ଯଥା ଖଣିଜ ସଂପଦ ଓ ଜଙ୍ଗଲ ସଂପଦ ସେହି ଆଦିବାସୀ ବର୍ଗ ଏହି ୫୦ଭାଗ ତଳେ ଥିବା ଲୋକମାନଙ୍କ ଭିତରେ ସଂପୂର୍ଣ୍ଣ ଭାବରେ ରହିଛନ୍ତି। ଯଦିଓ ଦେଶ ଆତ୍ମନିର୍ଭରଶୀଳର ସ୍ଲୋଗାନ ଦେଉଛି ଓ ଦେଶର ମୋଟ ଜାତୀୟ ଉତ୍ପାଦନ ବା ଆୟ ବଢ଼ି ଏହା ଫ୍ରାନ୍ସକୁ ଅତିକ୍ରମ କରିଛି ଓ ବ୍ରିଟେନର ପାଖାପାଖି ପହଁଚିଛି ବୋଲି କୁହାଯାଉଛି। ତଥାପି ଭାରତକୁ ବିଶ୍ୱର ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବରେ ବିଚାର କରାଯାଉଛି। ସେହି ଦୃଷ୍ଟିରୁ ଦେଶର ଅର୍ଥନୀତି ୫ ଟ୍ରିଲିୟନ ଡଲାର ବା ୧୦ ଟ୍ରିଲିୟନ ଡଲାର ହେବ ବକ୍ତବ୍ୟର କୌଣସି ଅର୍ଥ ନାହିଁ। କାରଣ ବିଶ୍ୱବ୍ୟାଙ୍କର ୨୦୨୧ ହିସାବ ଅନୁସାରେ ଭାରତର ମୁଣ୍ଡପିଛା ଆୟ ୨୨୭୭ ଡଲାର ରହିଛି, ଯାହାକି କଙ୍ଗୋ, ଆଙ୍ଗୋଲା ଓ ନାଇଜେରିଆଠାରୁ ସାମାନ୍ୟ ଅଧିକ। କିନ୍ତୁ ଘାନା ଓ ବଙ୍ଗଳାଦେଶ ଠାରୁ କମ୍। କୁହାଯାଉଛି ଭାରତର ଅର୍ଥନୀତି ଇଟାଲି ଓ ଫ୍ରାନ୍ସକୁ ଅତିକ୍ରମ କରିଛି। ବ୍ରିଟେନ ଓ ଜର୍ମାନକୁ ଅତିକ୍ରମ କରିବ। କିନ୍ତୁ ମୁଣ୍ଡପିଛା ଆୟରେ ଫ୍ରାନ୍ସ ୪୩,୫୧୮ ଓ ଇଟାଲି ୩୫,୫୧୫ ଡଲାର ରହିଛି, ଯାହାକି ଭାରତର ମୁଣ୍ଡପିଛା ଆୟ ଠାରୁ ୨୦ଗୁଣ ବା ୧୭ଗୁଣ ଅଧିକ। ଏପରିକି ଭାରତରେ ଉତରପ୍ରଦେଶର ମୋଟ୍ ଜିଡିପି ଦେଶରେ ତୃତୀୟ କିମ୍ବା ଦ୍ୱିତୀୟ ହୋଇଥିବା ସମୟରେ ମୁଣ୍ଡପିଛା ଆୟରେ ଏହା ଝାଡ଼ଖଣ୍ଡ ଠାରୁ କମ୍। କେବଳ ବିହାର ଉପରେ। ଏଣୁ ବାହାରକୁ ଯାହା ପ୍ରଚାର କରାଯାଉଛି ବାସ୍ତବତା ତାହାଠାରୁ ଭିନ୍ନ। ଅସଲକଥା ହେଉଛି ଦେଶ ଭିତରେ ସାମାଜିକ ଓ ଅର୍ଥନୈତିକ ସମତା ପ୍ରତିଷ୍ଠା ସହିତ ସବୁ ନାଗରିକଙ୍କ ଭିତରେ ଭ୍ରାତୃଭାବ ପ୍ରତିଷ୍ଠା କରିବା। ଦେଶ ସ୍ୱାଧୀନତା ସମୟରେ ମଧ୍ୟ ଏହି ପ୍ରସଙ୍ଗଗୁଡ଼ିକ ଉତ୍‌ଥାପିତ ହୋଇଥିଲା। କିନ୍ତୁ ସବୁଦୃଷ୍ଟିରୁ ବ୍ରିଟିଶ ଶାସନ କାଳରେ ଭାରତ ଏତେମାତ୍ରାରେ ଶୋଷିତ ହୋଇଥିଲା ଯେ, ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଦେଶକୁ ପ୍ରତିଷ୍ଠା କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ଶିଳ୍ପ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ବଂଚାଇବା ପାଇଁ ଅନୁଷ୍ଠାନ ଗଢ଼ିବାରେ ପ୍ରାଥମିକତା ଦିଆଗଲା। ଆମ୍ବେଦକରଙ୍କର ସାମାଜିକ ଗଣତନ୍ତ୍ର ଦିଗରେ ପଦକ୍ଷେପ ଆଶାନୁରୂପ ନହେବାରୁ ଦଳିତ ଓ ମଣ୍ଡଳ ରାଜନୀତି ଉପରେ ଗୁରୁତ୍ୱାରୋପ ହେବା ପରେ ସାମାଜିକ ଗଣତନ୍ତ୍ରର ଯେଉଁ ଚେହେରା ଆସିଲା ସେଥିରେ ଭୋଟ୍ ରାଜନୀତି ପାଇଁ ଭ୍ରାତୃଭାବ ପରିବେଶ ଦୁର୍ବଳ ହେଲା। ବିଜେପି ପ୍ରଥମ ଅବସ୍ଥାରେ ଏହି ସାମାଜିକ ଗଣତନ୍ତ୍ର ପ୍ରତି ସେତେ ଅନୁରକ୍ତ ନଥାଇ ହିନ୍ଦୁତ୍ୱ ଉପରେ ପ୍ରାଧାନ୍ୟ ଦେବା ସମୟରେ ସାମାଜିକ ଦିଗଗୁଡ଼ିକୁ ଭଲ ଭାବରେ ଅନୁଧାନ କରିଥିଲେ। ଏଣୁ ନବେ ଦଶକରେ ହୋଇଥିବା ମଣ୍ଡଳ କମଣ୍ଡଳ ରାଜନୀତିରେ ଉଭୟ ପକ୍ଷକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ କୌଶଳ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ତାହାର ଏକ ପରିଣତି ସ୍ୱରୂପ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଆସନରେ ବସାଇବା ସମ୍ଭବ ହୋଇଛି। କିନ୍ତୁ ଏହା ପଛରେ ହିନ୍ଦୁତ୍ୱର ଯେଉଁ ମୂଳ ଆଦର୍ଶ ରହିଛି ସେଥିରେ ସବୁ ଶ୍ରେଣୀର ନାଗରିକଙ୍କ ଭିତରେ ଭ୍ରାତୃଭାବ ପ୍ରତିଷ୍ଠା ଲକ୍ଷ୍ୟ କଦାପି ହାସଲ ହେବନାହିଁ। ସଂଖ୍ୟାଲଘୁ ଓ ବିଶେଷ ଭାବରେ ସବୁଠାରୁ ବଡ଼ ସଂଖ୍ୟାଲଘୁ ଗୋଷ୍ଠୀ ମୁସଲମାନଙ୍କ ଭିତରେ ଦାରିଦ୍ର୍ୟ ଓ ଅବହେଳା ଅଧିକ ରହିଥିଲେ ମଧ୍ୟ ସେମାନଙ୍କ ବିରୋଧରେ ସଂଖ୍ୟାବହୁଳ ଗୋଷ୍ଠୀଙ୍କୁ ବରାବର ପ୍ରେରିତ କରାଯାଉଛି। ଗଣମାଧ୍ୟମରେ ହିନ୍ଦୁ ମୁସଲମାନଙ୍କ ଉପରେ ରୀତିମତ ଦୈନିକ ବିତର୍କ ଚାଲୁଛି। ଭାରତର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଗଣମାଧ୍ୟମଗୁଡ଼ିକ ବିଶେଷ ଭାବରେ ଟେଲିଭିଜନ ଗଣମାଧ୍ୟମ ଆଜେଣ୍ଡା ଭିତ୍ତିକ ବିତର୍କ କରୁଥିବା ଉଲ୍ଲେଖ କରିଛନ୍ତି। ଦେଶର ଶାସକ ଗୋଷ୍ଠୀ ଓ ବର୍ତମାନର ଅର୍ଥନୈତିକ ବ୍ୟବସ୍ଥାରେ ସର୍ବାଧିକ ଲାଭବାନ ହେଉଥିବା କର୍ପୋରେଟ ଗୋଷ୍ଠୀ ଏହି ମତକୁ ସମର୍ଥନ କରୁଥିବାରୁ ବହୁସଂଖ୍ୟକବାଦ ରାଜନୀତି ଦେଶକୁ ଗ୍ରାସ କରିଛି। ଏଥିରେ ଆମ୍ବେଦକରଙ୍କ ସାମାଜିକ ଗଣତନ୍ତ୍ର ଲକ୍ଷ୍ୟ ସହଜରେ ସଫଳ ହେବନି। ସବୁବେଳେ ମନେ ରଖିବାକୁ ପଡ଼ିବ ଯେ, ଭାରତର ଅଧିକାଂଶ ଅଂଚଳରେ ବିକାଶ ନାମରେ ହେଉଥିବା ଅନେକ କାର୍ଯ୍ୟରୁ ଯେଉଁ କର୍ପୋରେଟ ଗୋଷ୍ଠୀ ଲାଭବାନ ହେଉଛନ୍ତି ସେମାନେ ବହୁସଂଖ୍ୟକବାଦ ରାଜନୀତିକୁ ସମର୍ଥନ କରୁଛନ୍ତି। ଅପରପକ୍ଷରେ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ଆଦିବାସୀ ସଂପ୍ରଦାୟ ଜୀବନ ଓ ଜୀବିକା ହରାଇ ସମାଜର ନିମ୍ନବର୍ଗରେ ଶୋଷିତ ହେଉଛନ୍ତି। ଦ୍ରୌପଦୀ ମୁର୍ମୁ ଏହି ଅବସ୍ଥାକୁ ବଦଳାଇପାରିବେ ନାହିଁ। କାରଣ ରାଷ୍ଟ୍ରପତିଙ୍କର କ୍ଷମତା ସମ୍ବିଧାନ ଅନୁସାରେ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ତଥାପି ବିରୋଧୀ ପକ୍ଷ ଦ୍ରୌପଦୀ ମୁର୍ମୁ ପ୍ରାର୍ଥୀ ହେଲା ପରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥାନ୍ତେ ତେବେ ପ୍ରକୃତ ରାଜନୈତିକ ପ୍ରସଙ୍ଗ ପାଇଁ ଭଲ ପରିବେଶ ରହିଥାନ୍ତା। ଅବଶ୍ୟ କେନ୍ଦ୍ରୀୟ କ୍ଷମତାରେ ଥିବା ବିଜେପି ବିରୋଧୀ ପକ୍ଷଙ୍କ ବିରୋଧରେ ଯେପରି ଭାବରେ କେନ୍ଦ୍ରୀୟ ଏଜେନ୍ସି ଓ ବିଶେଷ ଭାବରେ ଇଡିକୁ ବ୍ୟବହାର କରୁଛି ସେଥିରେ ଅନେକ ବିରୋଧୀ ପକ୍ଷ ଭୟଭୀତ ହେଉଛନ୍ତି। କାରଣ ଦେଖାଯାଉଛି ଯେ, ସରକାରଙ୍କୁ ସମର୍ଥନ କରୁଥିବା ଦଳ ବା ନେତାମାନଙ୍କ ବିରୋଧରେ ଏହି ଏଜେନ୍ସିଗୁଡ଼ିକ ବ୍ୟବହାର କରାଯାଉନାହିଁ କିମ୍ବା ସେମାନଙ୍କ କାର୍ଯ୍ୟକୁ ଜାଣିଶୁଣି ଶିଥିଳ କରିଦିଆଯାଉଛି। ଯେଉଁଦିନ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଭୋଟଗଣତି ଚାଲିଛି ସେହିଦିନ ଦେଶର ମୁଖ୍ୟ ବିରୋଧୀ ରାଜନୈତିକ ଦଳ କୁହାଯାଉଥିବା କଂଗ୍ରେସର ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲଡ୍ ମାମଲାରେ ପଚରାଉଚରା ପାଇଁ ଇଡି ଅଫିସକୁ ଡକାଯାଉଛି। ସେଦିନ କଂଗ୍ରେସ ଦଳ ସାରା ଦେଶର ବିଭିନ୍ନ ଅଂଚଳରେ ବଡ଼ ଧରଣର ବିକ୍ଷୋଭ କରିଥିଲେ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କ ନିର୍ବାଚନ ବିଜୟ ପ୍ରମୁଖ ଭାବରେ ଗଣମାଧ୍ୟମଗୁଡ଼ିକୁ ନିୟନ୍ତ୍ରିତ କରିରଖିଥିଲା। ବିରୋଧୀ ପକ୍ଷରେ ଆପ୍, ତୃଣମୂଳ କଂଗ୍ରେସ, ଏନସିପି, କଂଗ୍ରେସ, ଶିବସେନା ଓ ଜେଏମଏମ ପ୍ରଭୃତିର ବିଭିନ୍ନ ନେତାଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସୀ ସକ୍ରିୟ ହେଉଛି ଓ କେତେକ ଗିରଫ ବି ହେଲେଣି। ଅସାଧୁ ରାଜନୈତିକ ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭାରତରେ ନୂଆ ନୁହେଁ। କିନ୍ତୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଜରିଆରେ ବିରୋଧୀ ପକ୍ଷକୁ ଭୟଭୀତ କରିବା, ବିରୋଧୀ ପକ୍ଷକୁ ଦୁର୍ନୀତିଗ୍ରସ୍ତ ବୋଲି ଧାରଣା ସୃଷ୍ଟିକରିବା ଏବଂ ତୃତୀୟରେ ନିଜକୁ ବିପଦରୁ ରକ୍ଷା କରିବା ପାଇଁ କୌଶଳ ପ୍ରସ୍ତୁତ କରିବା ସମୟରେ ସାମୂହିକ ବିରୋଧୀ କାର୍ଯ୍ୟକଳାପକୁ ପଛରେ ପକାଇଦେବା। ଯାହା ଏବେ କଂଗ୍ରେସ କ୍ଷେତ୍ରରେ ହେବାକୁ ଯାଉଛି। ବହୁସଂଖ୍ୟକବାଦ ରାଜନୀତି, ଦରଦାମ, ମୁଦ୍ରାସ୍ଫୀତି, ଅର୍ଥନୀତି, ସାଂପ୍ରଦାୟିକତାବାଦ ବିରୋଧରେ ମିଳିତ ଆନ୍ଦୋଳନ ପରିବର୍ତେ ଇଡି ବିରୋଧରେ ଆନ୍ଦୋଳନକୁ ପ୍ରାଥମିକତା ଦିଆଯାଇଛି। ଫଳରେ ଜନସାଧାରଣଙ୍କ ସ୍ତରରେ ଆର୍ଥିକ ଓ ବେକାରୀ ସମସ୍ୟାକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ସହିତ ବ୍ୟକ୍ତି ସ୍ୱାଧୀନତା ଉପରେ ଚାଲିଥିବା କ୍ରମାଗତ ଆକ୍ରମଣ ବିରୋଧରେ ଲୋକମାନଙ୍କୁ ସଂଘଠିତ କରିବାରେ ବିରୋଧୀ ଦଳ ବିଫଳ ହେଉଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଯାହା ହେଲା ତାହାକୁ ଭୁଲି ବିରୋଧୀ ରାଜନୀତିକୁ ଦୃଢ଼ୀଭୂତ କରିବା ପାଇଁ କାମ ନକଲେ ବିଭିନ୍ନ କ୍ଷେତ୍ରରେ ବିଫଳତା ସତ୍ତ୍ୱେ ୨୦୨୪ ପାଇଁ ପ୍ରତିଦ୍ୱନ୍ଦ୍ୱିତା ନାହିଁ ବୋଲି ସରକାରୀ ପକ୍ଷରୁ ଯେଉଁ ପ୍ରଚାର ଚାଲିଛି ତାହାକୁ ଜନସାଧାରଣ ଗ୍ରହଣ କରିଯିବେ। ସେମାନେ ମନେରଖିବା ଉଚିତ ଯେ, ଏକ ଦୃଢ଼ ବିରୋଧୀ ଦଳ ବିନା ଗଣତନ୍ତ୍ର ଚମର ବିପଦକୁ ଚାଲିଯିବ। ବ୍ୟକ୍ତି ସ୍ୱାଧୀନତା ଅଧିକ ସଂକୁଚିତ ହେବ। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ସମୟରେ ମନେରଖିବାକୁ ପଡ଼ିବ ଯେ, ଭାରତର ନ୍ୟାୟ ବ୍ୟବସ୍ଥାରେ ଓ ଗଣମାଧ୍ୟମରେ ଆଦିବାସୀମାନଙ୍କର ସଂଖ୍ୟା ନାହିଁ କହିଲେ ଚଳେ। ସର୍ବୋଚ୍ଚ ନ୍ୟାୟାଳୟ ହେଉ ବା ହାଇକୋର୍ଟରେ ବା ଜିଲ୍ଲା କୋର୍ଟରେ ଆଦିବାସୀମାନଙ୍କ ସଂଖ୍ୟା ଯେପରି ନଗଣ୍ୟ ସେହିପରି ସାମ୍ବାଦିକତା କ୍ଷେତ୍ରରେ ସେମାନଙ୍କ ସ୍ଥାନ ଓଡ଼ିଶା ଭଳି ରାଜ୍ୟରେ ନାହିଁ କହିଲେ ଚଳେ। ତେଣୁ ଦ୍ରୌପଦୀ ମୁର୍ମୁ ପ୍ରତୀକାତ୍ମକ ନରହି ବାସ୍ତବରେ ଆଦିବାସୀ ସଶକ୍ତିକରଣରେ ପ୍ରମୁଖ ଭୂମିକା ଭାବେ କାର୍ଯ୍ୟ କରିପାରିବେ କି?

ବରିଷ୍ଠ ସାମ୍ବାଦିକ
ମୋ- ୮୦୧୮୦୯୪୪୫୫

# ବାରଶହ ବଢେଇର ଦାୟ ନା ପୁଅର ଦାୟ

ସୁବାଷ କୁମାର ତାରଣିଆଁ

ବହୁ ଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାକୁ ନେଇ ରାଜ୍ୟରେ ଅଶାନ୍ତିର ଝଡ଼ ସୃଷ୍ଟି ଲାଗି ରହିଛି। ବିଶେଷକରି ଏହି ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ କାଦୁଅ ଫିଙ୍ଗା ପ୍ରତିଯୋଗିତା ଆରମ୍ଭ ହୋଇଯାଇ, ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସନ୍‌ସାଇନ୍ ସ୍କୁଲ୍ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଅକ୍ଟୋବର ୮ ତାରିଖରେ ମମିତା ମେହେରଙ୍କୁ ଗାଡ଼ିରେ ବସାଇ ନେଇଥିଲେ। ଏହାର ତିନିଦିନ ପରେ ମମିତା ଘରକୁ ନ ଫେରିବାରୁ ତାଙ୍କ ପରିବାର ତରଫରୁ କେଗାଁ ଓ ତୁରେଇକେଲା ଥାନାରେ ଅପହରଣ ନେଇ ଏକ ଏତଲା ଦିଆଯାଇଥିଲା। ଏହା ପରେ ଏହି ଘଟଣାର ତଦନ୍ତ କରି ପୋଲିସ୍ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲା। କିନ୍ତୁ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ସନ୍ଦେହ ପ୍ରକାଶ ପାଇବାରୁ ହାଇକୋର୍ଟ ଏହି ମାମଲାର ବିଚାର ପାଇଁ ଗ୍ରହଣ କରି ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ମମିତା ମେହେର ହତ୍ୟା ଘଟଣାକୁ ନେଇ ବିରୋଧୀ ବିଜେପି ଓ କଂଗ୍ରେସ ଦଳ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ରାଜଧାନୀରେ ଆନ୍ଦୋଳନ, ଧାରଣା, ନାରାବାଜି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଘଟଣାର ସିବିଆଇ ତଦନ୍ତ ଦାବି ସହ ଏଥିରେ ସମ୍ପୃକ୍ତି ଥିବା ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଥିଲା।

ଇତି ମଧ୍ୟରେ ଘଟଣାକୁ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ବରଂ ଦିନକୁ ଦିନ ଘଟଣା ନୂଆମୋଡ଼ ନେଉଛି। ଏପରିକି ମମିତା ପ୍ରସଙ୍ଗରେ ଚର୍ଚ୍ଚିତ ବର୍ଷର ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ପୂର୍ଣ୍ଣ ଧୋଇଦେଇଥିଲା। ବିଧାନସଭାର ଶୀତ ଅଧିବେଶନ ୯ ଦିନ ଠିକ୍ ଭାବରେ ଚାଲିପାରି ନଥିଲା।୨୬ଟି କାର୍ଯ୍ୟଦିବସ ସହ ଡ଼ିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିବା ବେଳେ ଷୋଡ଼ଶ ବିଧାନସଭା ଶୀତ ଅଧିବେଶନରେ ବାରମ୍ବାର ଗୃହରେ ନାରାବାଜି, ହଟ୍ଟଗୋଳ, ପ୍ଲାକାର୍ଡ଼ ପ୍ରଦର୍ଶନ ଜାରି ରହିବାରୁ ବାଧ୍ୟ ହୋଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ। ବିଧାନସଭାକୁ ପବିତ୍ର ଗୃହ' ବୋଲି କୁହାଯାଏ ଏବଂ ନିର୍ବାଚିତ ଜନପ୍ରତିନିଧିମାନେ ବିଧାନସଭାର ପବିତ୍ର ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ ନ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶପଥପାଠ କରିଥାନ୍ତି। କାରଣ ସାଧାରଣ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଆସିଥିବା ପ୍ରତିନିଧିମାନେ ରାଜ୍ୟର ସମସ୍ୟା ତଥା ନିଜ ନିଜ ଅଞ୍ଚଳର ଅଭାବ, ଅସୁବିଧା ଓ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ହେଲେ ବିଧାନସଭା ଭଳି ପବିତ୍ର ଗୃହରେ ଏହା ସମ୍ଭବ ହେଉନାହିଁ। ବରଂ ଜନସାଧାରଣଙ୍କ ସମସ୍ୟା ବଦଳରେ, କିଛି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ନିଜର ରାଜନୈତିକ ରୁଟି ସେକିବା ପାଇଁ ବିଧାନସଭାରେ ସୃଷ୍ଟି ହେଉଛି ହଟ୍ଟଗୋଳ। ଫଳରେ ରାଜ୍ୟବାସୀଙ୍କୁ କେବଳ ନିରାଶ ହେବାକୁ ପଡୁଛି।

ସଦ୍ୟସମାପ୍ତ ଷୋଡ଼ଶ ଓଡ଼ିଶା ବିଧାନସଭାର ଅଷ୍ଟମ ତଥା ଚଳିତ ଶୀତକାଳୀନ ଅଧିବେଶନରେ ଏଭଳି ଅଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ମମିତା ଘଟଣାକୁ ନେଇ ବିରୋଧୀ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ଅନନ୍ୟ ପ୍ରକାର ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ଶୀତ ଅଧିବେଶନ ନିର୍ଦ୍ଧାରିତ ତାରିଖ ପୂର୍ବରୁ ମାତ୍ର ୯ ଦିନ ଚାଲିଥିଲା, ତାହା ପୁଣି ତୁମୁଳ ହଟ୍ଟଗୋଳ, ନାରାବାଜି, ଘଣ୍ଟବଜା, ମନ୍ତ୍ରପାଠ ଉଚ୍ଚାରଣ, ଗଙ୍ଗାଜଳ ସିଞ୍ଚନ, ଗୋବରପାଣି ଲେପନ, ପ୍ଲାକାର୍ଡ଼ ପ୍ରଦର୍ଶନ ଭଳି ଅଭିନବ ପ୍ରକାର ପ୍ରତିବାଦ ଓ ହଟ୍ଟଗୋଳ ମଧ୍ୟରେ ଚାଲିଲା। ୯ ଦିନ ମଧ୍ୟରୁ କୌଣସି ଗୋଟିଏ ଦିନ ବି ଗୃହ ସ୍ୱାଭାବିକ ଭାବେ ଚାଲିପାରି ନଥିଲା। କେବଳ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରସଙ୍ଗ ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି ଅଧିବେଶନକୁ ସମ୍ପୂର୍ଣ୍ଣ ଫିକା କରିଦେଇଥିଲା। ବାରମ୍ବାର ବିରୋଧୀ ବିଜେପି ଓ କଂଗ୍ରେସ ଗୃହ ଆରମ୍ଭରୁ ଶେଷ ଯାଏ ହଟ୍ଟଗୋଳ ଓ ନାରାବାଜି ଜାରି ରଖିବାରୁ ପୁରା ଅଧିବେଶନ ଅଚଳ ହୋଇପଡ଼ିଥିଲା।

ଘଟଣାଟି ଏତିକିରେ ସୀମିତ ରହିନଥିଲା। ବିଧାନସଭା ବାହାରେ ମଧ୍ୟ ମମିତା ପ୍ରସଙ୍ଗକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ମମିତା ମେହେରକୁ ନ୍ୟାୟ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଘଟଣାର ସିବିଆଇ ତଦନ୍ତ ଦାବିରେ ଗତ ଡ଼ିସେମ୍ବର ୯ ତାରିଖ ଦିନ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ ବେଳେ ଗାନ୍ଧୀମାର୍ଗ ରଣକ୍ଷେତ୍ର ପାଲଟିଥିଲା। ବିକ୍ଷୋଭକାରୀମାନେ ବିଧାନସଭା ଅଭିମୁଖେ ଅଗ୍ରସର ହେଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ବିକ୍ଷୋଭକାରୀ ଓ ପୋଲିସ୍‌ଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଅଣାୟତ ହେବାରୁ ପୋଲିସ୍ କେତେକ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା। ପୋଲିସ୍‌ର ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଉଗ୍ରମୁଖା ବିକ୍ଷୋଭକାରୀମାନେ ଗାନ୍ଧୀମାର୍ଗରେ ଭଙ୍ଗାରୁଜା କରିବା ସହ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ଉପରକୁ ଢେଲା ଓ ପଥର ଫିଙ୍ଗିଥିଲେ। ଏହାର ଜବାବରେ ପୋଲିସ୍ ଲାଠିଚାର୍ଜ ଆରମ୍ଭ କରିଥିଲା। ଲାଠିମାଡ଼ରେ ଅନେକ କର୍ମୀ ଅହାତ ହୋଇଥିଲେ। ସେହିପରି ବିଜେପି କର୍ମୀଙ୍କ ଟେକାପଥର ମାଡ଼ରେ ୧୪ ଜଣ ପୋଲିସ୍ କର୍ମଚାରୀଙ୍କ ସମେତ ଗଣମାଧ୍ୟମର ବହୁ ପ୍ରତିନିଧି ଆହତ ହୋଇଥିଲେ। କିଛି ସମୟ ଧରି ଗାନ୍ଧୀମାର୍ଗ ସ୍ତବ୍ଧ ପାଲିଟି ଯାଇଥିଲା ଓ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସେହିପରି ଏହାର ପରଦିନ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ଏହାର ପୁନରାବୃତ୍ତି ଘଟିଥିଲା। ଶିକ୍ଷୟିତ୍ରୀ ମମିତା ମେହେରକୁ ନ୍ୟାୟ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ବେଳେ ପରିସ୍ଥିତି ବିସ୍ଫୋରକ ମୋଡ଼ ନେଇଥିଲା। ଛାତ୍ରକଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ବିଧାନସଭା ଆଡ଼କୁ ଶୋଭାଯାତ୍ରାରେ ଯିବା ସମୟରେ ଛାତ୍ରକଂଗ୍ରେସ ସଭାପତିଙ୍କୁ ପୋଲିସ୍ ଅଟକାଇବାରୁ ଉତ୍ତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ଦଳୀୟ କର୍ମୀମାନେ ପୋଲିସ୍ ଉପରକୁ ଅଣ୍ଡା ଓ ଟମାଟୋ ଫିଙ୍ଗି ପ୍ରତିବାଦ କରିଥିଲେ। ଦୁଇଘଣ୍ଟା ଧରି ପୋଲିସ୍ ଓ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଉତ୍ୟକ୍ତ କର୍ମୀମାନେ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ଲାଠିଚାର୍ଜ ଆରମ୍ଭ କରିଥିଲା। ଫଳରେ ଗାନ୍ଧୀମାର୍ଗ ଏକ ରଣକ୍ଷେତ୍ରରେ ପରିଣତ ହୋଇଥିଲା।

ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା କରୋନାର ବିଭୀଷିକା ଲୋକଙ୍କ ମନରୁ ଲିଭିନଥିବା ବେଳେ ଓମିକ୍ରନ ଭୂତାଣୁ ଲୋକଙ୍କ ମନରେ ଆଉ ଏକ ଭୟ ସଞ୍ଚାର କରିଛି। ସେହିଭଳି ବାତ୍ୟା ଜୱାଦ ପ୍ରଭାବରେ ଚାଷୀଙ୍କ ସୁନାର ଫସଲ ଉଜୁଡ଼ିଯାଇଛି। ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଏକପ୍ରକାର ଦୋହଲି ଯାଇଛି। ଚାଷୀମାନେ ସୋମନଙ୍କ ଉଜୁଡ଼ି ଯାଇଥିବା ଉତ୍ପାଦିତ ଫସଲର ଉଚିତ୍ ପ୍ରାପ୍ୟ ପାଇବା ପାଇଁ ଏକପ୍ରକାର ଆଶା ଓ ଆଶଙ୍କା ମଧ୍ୟରେ ଗତି କରୁଥିବା ବେଳେ, ସାଧାରଣ ଜନତାଙ୍କ ସମସ୍ୟା ଓ ଚାଷୀଙ୍କ ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରି, ଚାଷୀମାନେ କିପରି କ୍ଷତିପୂରଣ ପାଇପାରିବେ, ସେଥିପ୍ରତି ଦୃଷ୍ଟି ନଦେଇ କେବଳ ଗୋଟିଏ ପ୍ରସଙ୍ଗକୁ ଆଳ କରି ବିଧାନସଭାକୁ ଅଚଳ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ କରିଦେବା, ଗାନ୍ଧୀମାର୍ଗକୁ ରଣକ୍ଷେତ୍ରରେ ପରିଣତ କରି, ସାଧାରଣ ଜନତାଙ୍କ ଜୀବନ ଜୀବିକାରେ ବାଧା ସୃଷ୍ଟି କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ନିଶ୍ଚୟ। ଗଣତନ୍ତ୍ର ରାଷ୍ଟ୍ରରେ ଗଣତାନ୍ତ୍ରିକ ଉପାୟରେ ନିଜର ଦାବି ଉପସ୍ଥାପନ କରିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର। କିନ୍ତୁ ଅଗଣତାନ୍ତ୍ରିକ ଉପାୟରେ ନିଜର ଦାବି ଉପସ୍ଥାପନ କରିବାକୁ ହେଲେ, ସାଧାରଣ ଜନତାଙ୍କ ଜୀବନ ଜୀବକାରେ ବାଧା ଉପୁଜିବ ଓ ବିଧାନସଭାର ଗାରିମା କ୍ଷୁର୍ଣ୍ଣ ହେବ ଯାହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଯଦି ଏଭଳି ପ୍ରକ୍ରିୟା ଜାରି ରୁହେ, ତେବେ ଆମ ଜନପ୍ରତିନିଧିମାନେ ଜଣଙ୍କୁ ନ୍ୟାୟ ଦେବାକୁ ଯାଇ ଶହ ଶହ ଜନତାଙ୍କୁ ମୃତ୍ୟୁମୁଖକୁ ଠେଲିଦେବେ। ତେବେ ଜଣେ ନ୍ୟାୟ ପାଇବା ବଦଳରେ ଶହ ଶହ ଜନତା ବଳିପଡ଼ିବେ।

କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର

## ଏଚ୍‌ସିଏଲ୍‌ର ରୋଶ୍‌ନି ସବୁଠୁ ଧନୀ ଭାରତୀୟ ମହିଳା



ମୁମ୍ବାଇ : ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍‌ର ଅଧ୍ୟକ୍ଷା ରୋଶ୍‌ନି ନାଦାର ମଲହୋତ୍ରା ହେଉଛନ୍ତି ଭାରତର ସବୁଠୁ ଧନୀ ମହିଳା। ୨୦୨୧ରେ ତାଙ୍କ ସମ୍ପତ୍ତି ୫୪ ପ୍ରତିଶତ ବୃଦ୍ଧି ପାଇ ୮୪,୩୩୦ କୋଟି ଟଙ୍କା ହୋଇଛି। ଏହି ତାଲିକାରେ ନାଏକାର ଫାଲ୍‌ଗୁନି ନାୟାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫାଲ୍‌ଗୁନିଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୫୭,୫୨୦ କୋଟି ଟଙ୍କା। ବର୍ଷକ ଭିତରେ ତାଙ୍କ ସମ୍ପତ୍ତି ମୂଲ୍ୟ ୯୬୩ ପ୍ରତିଶତ ବୃଦ୍ଧି ପାଇଛି। କୋଟାକ୍-ହୁରୁନ୍ ତାଲିକା ଅନୁଯାୟୀ, ବାୟୋକନ୍‌ର ମୁଖ୍ୟ କିରଣ ମଜୁମଦାର ସ'ଙ୍କ ସମ୍ପତ୍ତି ୨୧% ହ୍ରାସ ପାଇ ୨୯,୦୩୦ କୋଟି ଟଙ୍କାରେ ପହଞ୍ଚିଥିବାରୁ ସେ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏହି ତାଲିକାରେ କେବଳ ସେହି ମହିଳା ଧନୀମାନଙ୍କୁ ସାମିଲ କରାଯାଇଛି ଯେଉଁମାନେ ଭାରତରେ ଜନ୍ମ ହୋଇ ବଢ଼ିଛନ୍ତି ଓ କାରବାରର ଦେଖାଶୁଣା କରୁଛନ୍ତି। ଏଭଳି ଦେଶର ୧୦୦ ଧନୀ ମହିଳାମାନଙ୍କ ମୋଟ ସମ୍ପତ୍ତି ୨୦୨୧ରେ ୫୩ ପ୍ରତିଶତ ବୃଦ୍ଧି ପାଇ ୪.୧୬ ଲକ୍ଷ କୋଟି ଟଙ୍କା ହୋଇଛି। ସର୍ବାଧିକ ୨୫ ଧନୀ ମହିଳା ଦିଲ୍ଲୀ-ଏନ୍‌ସିଆର ଅଞ୍ଚଳରେ ଥିବା ବେଳେ ମୁମ୍ବାଇରେ ୨୧ ଓ ହାଇଦ୍ରାବାଦରେ ୧୨ ଜଣ ରହିଛନ୍ତି। ଆପୋଲୋ ହସ୍ପିଟାଲ୍‌ସ ସର୍ବାଧିକ ଚାରି ଜଣ ଧନୀ ମହିଳା ସୃଷ୍ଟି କରିଛି। ମେଟ୍ରୋ ସୁଜ୍ ଓ ଦେବୀ ସି' ଫୁଡ୍‌ସ ଦୁଇ ଜଣ ଲେଖାଏଁ ଧନୀ ମହିଳା ସୃଷ୍ଟି କରିଛନ୍ତି। ଭୋପାଳର କନିକା ଟେକ୍ରିୱାଲ ହେଉଛନ୍ତି ଏହି ତାଲିକାରେ ସର୍ବକନିଷ୍ଠ ଯାହାଙ୍କ ବୟସ ହେଉଛି ୩୩ ବର୍ଷ। ସେ ଜେଟ୍‌ସେଟ୍‌ଗୋ ନାମକ ସଂସ୍ଥା ସ୍ଥାପନ କରିଛନ୍ତି ଓ ତାଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୪୨୦ କୋଟି ଟଙ୍କା। ଏହି ତାଲିକାରେ ସ୍ଥାନ ପାଇଥିବା ପେପ୍‌ସିକୋର ପୂର୍ବତନ ମୁଖ୍ୟ ଇନ୍ଦ୍ରା ନୁୟୀଙ୍କ ସମ୍ପତ୍ତି ୫୦୪୦ କୋଟି ଟଙ୍କା ରହିଥିବା ବେଳେ ଏଚ୍‌ଡିଏଫ୍‌ସିର ରେଣୁ ସୁଦ୍? କର୍ଣ୍ଣାଡ୍‌ଙ୍କ ୮୭୦ କୋଟି ଟଙ୍କା ଓ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଶାନ୍ତି ଏକାମ୍ବରମ୍‌ଙ୍କ ସମ୍ପତ୍ତି ୩୨୦ କୋଟି ଟଙ୍କା ରହିଛି।

## ଇଡିର ଅଖଣ୍ଡ କ୍ଷମତା ସପକ୍ଷରେ ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ : ଅର୍ଥ ହେରଫେର ବା ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଖଣ୍ଡ କ୍ଷମତାକୁ ସୁପ୍ରିମ କୋର୍ଟ କାଏମ ରଖିଛନ୍ତି। ଏସଂପର୍କରେ ଆଗତ ସମସ୍ତ ଆପତ୍ତି ସଂକ୍ରାନ୍ତ ପିଟିସନକୁ ଖାରଜ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଇଡିର କାର୍ଯ୍ୟାନୁଷ୍ଠାନ ସାମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ବୈଧ। ଅର୍ଥ ହେରଫେର ମାମଲାରେ ଇଡି ଅଭିଯୁକ୍ତକୁ ଗିରଫ କରିପାରିବ,ଚଢ଼ଉ କରିପାରିବ ଏବଂ ସଂପତ୍ତି ଜବତ ମଧ୍ୟ କରିପାରିବ। ଅର୍ଥ ହେରଫେର ଏକ ଗୁରୁତର ଅପରାଧ। ଏହା ଆତଙ୍କବାଦ ଏବଂ ଡ୍ରଗ୍ସ କାରବାର ଭଳି ବଡ଼ ବଡ଼ ଅପରାଧକୁ ଉତ୍ସାହିତ କରୁଛି। ଜଷ୍ଟିସ ଏଏମ୍ ଖନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି କହିଛନ୍ତି ଯେ ମନିଲଣ୍ଡରିଂ ନିରୋଧ ଆଇନ (ପିଏମ୍‌ଏଲ୍‌ଏ)ରେ ଯେତେସବୁ କଡ଼ା ପ୍ରାବଧାନ ରହିଛି, ଯଥା- ଚଢ଼ଉ ଓ ଜବତ କରିବା, ଗିରଫ କରିବା, ସମ୍ପତ୍ତି ଜବତ କରିବା ଓ ଜାମିନ ଆଦି ସବୁକିଛି ବୈଧ। ଆଇନର ଧାରା ୧୯ରେ ଥିବା ଗିରଫ କରିବାର କ୍ଷମତା ଅନୁଯାୟୀ ଇଡି କାହାକୁ ଗିରଫ କଲେ ତାହାକୁ ମନମୁଖି କୁହାଯାଇପାରିବ ନାହିଁ। ପୁଣି ଧାରା ୫ ଅନୁଯାୟୀ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ବ୍ୟକ୍ତିର ସମ୍ପତ୍ତି ଜବତ କରିବା ମଧ୍ୟ ସମ୍ବିଧାନ ଅନୁଯାୟୀ ବୈଧ। ମନିଲଣ୍ଡରିଂ କେବଳ ଦେଶର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଦୁର୍ବଳ କରୁନାହିଁ, ବରଂ ଏହା ଆତଙ୍କବାଦ, ନିଶା କାରବାର ଆଦି ହୀନ ଅପରାଧକୁ ପ୍ରୋତ୍ସାହିତ କରୁଛି। ତେଣୁ ଏହା ଆତଙ୍କବାଦଠାରୁ କମ୍ ନୁହେଁ। ମାନ୍ୟବର ଖଣ୍ଡପୀଠ ଆହୁରି କହିଛନ୍ତି ଯେ ପ୍ରତ୍ୟେକ କ୍ଷେତ୍ରରେ ଇସିଆଇଆର୍ (ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେସନ ରିପୋର୍ଟ) କପି ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ, କାରଣ ଏହା ଏକ ଆଭ୍ୟନ୍ତରୀଣ ଦଲିଲ। ଏଫ୍‌ଆଇଆର୍ କପି ପରି ଇସିଆଇଆର୍ କପି ପ୍ରଦାନ ବାଧ୍ୟତାମୂଳକ ନୁହେଁ। ଗିରଫ କରିବା ସମୟରେ ଯଦି ଇଡି କର୍ତ୍ତୃପକ୍ଷ ତା'ର କାରଣ କୁହନ୍ତି, ତେବେ ସେତିକି ଯଥେଷ୍ଟ। ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ଅଭିଯୁକ୍ତକୁ ବିନା ପ୍ରମାଣ ଓ ବିନା ସୂଚନାରେ ଗିରଫ କରିବା ଅସାମ୍ବିଧାନିକ। ପୁଣି ପ୍ରମାଣର ବୋଝ ଅଭିଯୁକ୍ତ ଉପରେ ଲଦିବା ସମାନତା ଓ ବଞ୍ଚିବାର ଅଧିକାର ପରି ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ଏହାର ଉତ୍ତରରେ ସରକାରଙ୍କ ପକ୍ଷରୁ ଲଢୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ମନିଲଣ୍ଡରିଂ ଏକ ସାଂଘାତିକ ଅପରାଧ ଏବଂ ଏହାର ମୂଳୋତ୍ପାଟନ କରିବା ଏକ ସାମାଜିକ ଆବଶ୍ୟକତା ହୋଇଥିବାରୁ ପ୍ରମାଣର ବୋଝ ଅଭିଯୁକ୍ତ ଉପରେ ଲଦିବା ଯୁକ୍ତିଯୁକ୍ତ। ଆବେଦନକାରୀମାନେ ଯୁକ୍ତି କରିଥିଲେ ଯେ ପିଏମ୍‌ଏଲ୍‌ଏ ଆଇନ ୨୦୦୨ରେ ଲାଗୁ ହେଲା। ତେଣୁ ତା' ପୂର୍ବରୁ ସଂଘଟିତ ମାମଲା ପାଇଁ ଏହି ଆଇନକୁ ଲାଗୁ କରିବା ଅସାମ୍ବିଧାନିକ। କୋର୍ଟ ମଧ୍ୟ ଏ ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। କୋର୍ଟ କହିଥିଲେ ଯେ ମନିଲଣ୍ଡରିଂ ଏକ ନିରବଚ୍ଛିନ୍ନ ଭାବେ ଘଟୁଥିବା ଅପରାଧ। ଏହା ଏକକ କ୍ରିୟା ନୁହେଁ, ବରଂ ଏକ ଶୃଙ୍ଖଳ। ଅପରାଧର ଆରମ୍ଭ ୨୦୦୨ ପୂର୍ବରୁ ହୋଇପାରେ, କିନ୍ତୁ ତାହାର ପ୍ରକ୍ରିୟା ଓ ପ୍ରଭାବ ୨୦୦୨ ପରେ ବଳବତ୍ତର ଥାଇପାରେ। କର୍ତ୍ତି ଚିଦମ୍ବରମ ଏବଂ ମେହବୁବା ମୁଫତିଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ଏହି ଆଇନକୁ ଚାଲେଞ୍ଜ କରି ସୁପ୍ରିମ କୋର୍ଟରେ ପିଟିସନ ଦାଖଲ କରିଥିଲେ।
ମିଳିଥିବା ସୂଚନା ଅନୁଯାୟୀ ମୋଦୀ ସରକାରରେ ମନିଲଣ୍ଡରିଂ ମାମଲାରେ ଚଢ଼ଉ ୨୬ ଗୁଣ ବଢ଼ିଛି, କିନ୍ତୁ ଦୋଷୀ ସାବ୍ୟସ୍ତ ହାର ନଗଣ୍ୟ। ଗତ ୮ ବର୍ଷରେ ମାତ୍ର ୨୩ ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଣୁ ପିଏମ୍‌ଏଲ୍‌ଏର କେତେକ ପ୍ରାବଧାନ ଉପରେ ଆବେଦନକାରମାନେ ଆପତ୍ତି ଉଠାଇଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ପିଏ୍‌ଏଲ୍‌ଏର ବୈଧତା ରହିଛି। କାରଣ ମନିଲଣ୍ଡରିଂ କେବଳ ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରୁନାହିଁ ବରଂ ଦେଶର ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି। କେବଳ ବିଜୟ ମାଲ୍ୟା ବା ନିରବ ମୋଦୀଙ୍କ ପରି ବ୍ୟବସାୟୀଙ୍କ କ୍ଷେତ୍ରରେ ଏହି ଆଇନ ଲାଗୁ ହେଉନାହିଁ, ଆତଙ୍କବାଦୀ ଗୋଷ୍ଠୀଙ୍କ କ୍ଷେତ୍ରରେ ବି ଲାଗୁ ହେଉଛି।

# ରାଇରଙ୍ଗପୁରରୁ ରାଇସିନା ହିଲ୍, କେମିତି ଥିଲା ମହାମହିମଙ୍କ ଯାତ୍ରା

ନୂଆଦିଲ୍ଲୀ: ଦେଶର ୧୫ତମ ରାଷ୍ଟ୍ରପତି ହେଲେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିଂହ୍ନାଙ୍କୁ ବିପୁଳ ଭୋଟରେ ପରାସ୍ତ କରି ସେ ରାଇସିନା ହିଲକୁ ଯାଇଛନ୍ତି। ୫ ଲକ୍ଷ ୭୭ ହଜାର ୭୭୭ ଭୋଟ ପାଇ ତୃତୀୟ ରାଉଣ୍ଡରେ ହିଁ ବିଜୟକୁ ନିଜ ନାମରେ କରିଛନ୍ତି ଦ୍ରୌପଦୀ।

ମୟୂରଭଞ୍ଜ ଜିଲ୍ଲାର ଏକ ଛୋଟ ଗାଁରୁ ରାଇସିନା ହିଲକୁ ଦ୍ରୌପଦୀ ମୁର୍ମୁ ଯିବା ସାରା ବିଶ୍ୱକୁ ଗଣତନ୍ତ୍ରର ଶକ୍ତି ଦେଖାଇଛି। ତେବେ ଜାଣିଛନ୍ତି କି ଦେଶର ପ୍ରଥମ ନାଗରିକ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ କେଉଁଠି ହୋଇଥିଲା ? ତାଙ୍କ ପିଲାଦିନ କେମିତି କଟିଥିଲା ? କେଉଁଠି ପାଠ ପଢ଼ିଥିଲେ ? ରାଜନୀତିକୁ ଆସିବା ପୂର୍ବରୁ କ'ଣ କରୁଥିଲେ ? ତେବେ ଆସନ୍ତୁ ଜାଣିବା, ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମରୁ ରାଇସିନା ହିଲ୍ ଯିବାର ଟିକିନିଖି ଖବର।

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ପିତାଙ୍କ ନାଁ ସ୍ୱର୍ଗତ ବିରଞ୍ଚି ନାରାୟଣ ଟୁଡୁ ଏବଂ ମାତାଙ୍କ ନାଁ ସ୍ୱର୍ଗତା ସିଙ୍ଗୋ ଟୁଡୁ। ୧୯୫୮ ଜୁନ ୨୦ ତାରିଖରେ ଦ୍ରୌପଦୀଙ୍କ ଜନ୍ମ। ସେ ଦୁଇ ଭାଇରେ ଗୋଟିଏ ଭଉଣୀ ଥିଲେ। ତାଙ୍କ ଭାଇ ଭଗବତ ଚରଣ ଟୁଡୁଙ୍କ ପରଲୋକ ହୋଇଯାଇଥିବା ବେଳେ ଅନ୍ୟ ଭାଇଙ୍କ ନାଁ ତରଣୀସେନ ଟୁଡୁ। ୧୯୮୧ରେ ଦ୍ରୌପଦୀ ଶ୍ୟାମଚରଣ ମୁର୍ମୁଙ୍କୁ ବିବାହ କରିଥିଲେ। ସ୍ୱର୍ଗତ ଶ୍ୟାମଚରଣ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଭାବେ କାମ କରୁଥିଲେ। ଦ୍ରୌପଦୀ ମୁର୍ମୁଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ଦୁଇ ପୁଅ ଲକ୍ଷ୍ମଣ ମୁର୍ମୁ ଏମଂ ସିପୁନ ମୁର୍ମୁଙ୍କ ଦେହାନ୍ତ ହୋଇଯାଇଛି। ଝିଅଙ୍କ ନାଁ ଇତିଶ୍ରୀ ମୁର୍ମୁ। ଯିଏ କି ଜଣେ ବ୍ୟାଙ୍କ ମ୍ୟାନେଜର। ଜ୍ୱାଇଁ ଗଣେଶ ହେମ୍ବ୍ରମ ଜଣେ ରଗବୀ ଖେଳାଳି। ଦ୍ରୌପଦୀ ମୁର୍ମୁ କଳାରେ ସ୍ନାତକ କରିଛନ୍ତି। ସେ ପ୍ରଥମରୁ ସପ୍ତମ ଶ୍ରେଣୀ (୧୯୭୧) ପର୍ଯ୍ୟନ୍ତ କୁସୁମି ବ୍ଲକ ଉପରବେଡ଼ା ୟୁପିଏମଇରେ ପଢ଼ିଥିଲେ। ଏହାପରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାକୁ ଭୁବନେଶ୍ୱର ଚାଲି ଆସିଥିଲେ। ଏଠାରେ ସେ ଭୁବନେଶ୍ୱର ୟୁନିଟ-୨ ବାଳିକା ହାଇସ୍କୁଲରେ ପାଠ ପଢ଼ିଥିଲେ। ୧୯୭୪ ମସିହାରେ ସେ ମାଟ୍ରିକ ପାସ୍ କରିଥିଲେ। ୧୯୭୯ରେ ରମାଦେବୀ ମହିଳା କଲେଜରୁ କଳାରେ ସ୍ନାତକ କରିଥିଲେ। ସ୍ନାତକ ସାରିବା ପରେ ସେ ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଜଳସେଚନ ବିଭାଗରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ସଚିବାଳୟରେ ଚାକିରି କାଳ ଆରମ୍ଭ କରିଥିଲେ। ଏହାପରେ ସେ ଚାକିରି ଛାଡି ଶିକ୍ଷକତା କରିଥିଲେ। ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ସେ ରାଇରଙ୍ଗପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶିକ୍ଷକତା କରିଥିଲେ।



୧୯୯୭ରେ ସେ ରାଜନୀତିରେ ପାଦ ଥାପିବା ସହ ବିଜେପିର ସଦସ୍ୟତା ଗ୍ରହଣ କରିଥିଲେ। ରାଇରଙ୍ଗପୁର ଏନଏସିରୁ ପ୍ରଥମ ଥର ଜିଲ୍ଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ ଓ ସେହି ବର୍ଷ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୦ ମସିହାରେ ରାଇରଙ୍ଗପୁର ବିଧାନସଭା ଆସନରୁ ପ୍ରଥମ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ୨୦୦୦ ମାର୍ଚ୍ଚ ୬ରୁ ୨୦୦୨ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱାଧୀନ ମନ୍ତ୍ରୀ ଭାବେ କାମ କରିଥିଲେ। ସେହିପରି ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମେ' ୧୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ସ୍ୱାଧୀନ ମନ୍ତ୍ରୀ ଭାବେ କାମ କରିଥିଲେ। ଏହାପରେ ୨୦୦୪ରେ ସେ ଦ୍ୱିତୀୟ ଥର ପାଇଁ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇ ୨୦୦୯ ପର୍ଯ୍ୟନ୍ତ ରହିଥିଲେ। ପଣ୍ଡିତ ନଳିନୀକାନ୍ତ ଦାସ୍ ବେଷ୍ଟ ଲେଜିସଲେଟିଭ୍ ଆୱାର୍ଡ ୨୦୦୭ରେ ତାଙ୍କୁ ସମ୍ମାନିତ କରାଯାଇଥିଲା।

୧୯୯୮ରେ ବିଜେପି ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପ ସଭାପତି ହୋଇଥିଲେ। ଏହାସହ ୨୦୦୨ରୁ ୨୦୧୦ ପର୍ଯ୍ୟନ୍ତ ବିଜେପିର ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ କାମ କରିଥିଲେ। ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ବିଜେପି ଜନଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବନିଥିଲେ। ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ପୁଣି ଥରେ ମୟୂରଭଞ୍ଜ ଜିଲ୍ଲା ସଭାପତି ହୋଇଥିଲେ। ବିଜେପିର ଜଣେ ଚର୍ଚ୍ଚିତ ମହିଳା ନେତ୍ରୀ ଭାବେ ଜଣାଶୁଣା ଦ୍ରୌପଦୀ ମୁର୍ମୁ ଝାଡ଼ଖଣ୍ଡ ରାଜ୍ୟପାଳ ହୋଇଛନ୍ତି। ୨୦୧୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ସେ ରାଜ୍ୟପାଳ ଭାବେ କାମ କରିଥିଲେ। ଆଧ୍ୟାତ୍ମିକ ବହି ପଢ଼ିବାକୁ ଦ୍ରୌପଦୀ ମୁର୍ମୁ ଭଲ ପାଇଥାନ୍ତି। ଏହାସହ ଗରିବ, ଦଳିତ ଓ ଆଦିବାସୀଙ୍କ ପାଇଁ ତାଙ୍କ ହୃଦୟ ସବୁବେଳେ କାନ୍ଦୁଥାଏ। ଏମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ନିରନ୍ତର ଉଦ୍ୟମ କରି ଆସିଛନ୍ତି। ବିଭିନ୍ନ ଆଦିବାସୀ ସଂଗଠନ ସହ ସେ ଜଡ଼ିତ ରହି ନିଜ ଲୋକଙ୍କ ସେବା କରିଚାଲିଛନ୍ତି। ବିଭିନ୍ନ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଗଠନ ସହ ସେ ଜଡ଼ିତ ଅଛନ୍ତି। ନିଜ ମାଟି ଓ ନିଜ ଜାତିର ଉତ୍‌ଥାନ ପାଇଁ ସବୁ ବେଳେ ଉଦ୍ୟମ ଚଲାଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ଏନଡିଏ ତରଫରୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ସେ ପୂରା ଦେଶର ନଜରକୁ ଆସିଥିଲେ। ଗତ ଜୁନ ୨୧ ତାରିଖରେ ସେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ପ୍ରସ୍ତାବକ ଥିଲେ। ତାଙ୍କ ବିପକ୍ଷରେ ମିଳିତ ବିରୋଧୀ ମେଣ୍ଟ ପକ୍ଷରୁ ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରାଯାଇଥିଲା। ହେଲେ ଦ୍ରୌପଦୀଙ୍କୁ ଚାରିଆଡୁ ସମର୍ଥନ ମିଳିଥିଲା। ଏପରିକି ଏନଡିଏ ବିରୋଧୀ ମଧ୍ୟ ତାଙ୍କୁ ପସନ୍ଦ କରୁଥିଲେ। ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ରମନ୍ତ୍ରୀଗଣ।

## ଦ୍ରୌପଦୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଓ ବିଜେଡି ସାଂସଦ



ନୂଆଦିଲ୍ଲୀ: ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେଡି ସାଂସଦମାନଙ୍କ ସହ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଲୋକସଭା ଓ ରାଜ୍ୟସଭା ସାଂସଦମାନେ ଏହି ଅବସରରେ ସାମିଲ ଥିଲେ। ଦ୍ରୌପଦୀଙ୍କୁ ଭେଟିବା ପରେ ପ୍ରତିକ୍ରିୟା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କହିଲେ ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି। ଓଡିଆ ଝିଅ ରାଷ୍ଟ୍ରପତି ହୋଇଥିବାରୁ ଅତ୍ୟନ୍ତ ଖୁସି ଅଛି। ଆମେ ତାଙ୍କ ପାଇଁ ଗର୍ବିତ ବୋଲି କହିଛନ୍ତି। ସେହିପରି ସାଂସଦମାନେ ଭେଟି ଖୁସିଥିବା କଥା କହିଛନ୍ତି। ଏହି ଅବସରରେ ପାରମ୍ପରିକ ନୃତ୍ୟ କଳାରେ ସମ୍ପୂର୍ଣ୍ଣ ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା। ସୂଚନାଥାଉକି, ନବନିର୍ବାଚିତ ଦ୍ରୌପଦୀ ମୁର୍ମୁ ନବୀନ ପଟ୍ଟନାୟକଙ୍କୁ ଭାଇ ବୋଲି ମାନି ଆସିଛନ୍ତି। ନବୀନ ମଧ୍ୟ ତାଙ୍କୁ ଭଉଣୀ ବୋଲି ମାନି ନିର୍ବାଚନରେ ତାଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ।

## ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହେବା ନେଇ ବହୁତ ଆନନ୍ଦିତ: ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଟିଛନ୍ତି। ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ବିଜେଡି ସାଂସଦଙ୍କ ସହ ଦ୍ରୌପଦୀଙ୍କୁ ଭେଟିଛନ୍ତି। ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ନବୀନ ଶୁଭେଚ୍ଛା ଜଣାଇଛନ୍ତି। ଜୁଲାଇ ୨୫ରେ ସଂସଦର ସେଣ୍ଟ୍ରାଲ ହଲ୍‌ରେ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ସାମିଲ୍ ହୋଇଛନ୍ତି। ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲା ପରେ ମୁଖ୍ୟମନ୍ତ୍ରୀ ନବୀନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଶୁଭେଚ୍ଛା ଓ ଶୁଭକାମନା ଜଣାଇଲି। ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି। ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହେବା ନେଇ ବହୁତ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଭେଟିଲେ ଓଡ଼ିଶା ବିଜେପି ସାଂସଦ ଓ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ: ଓଡ଼ିଶାର କେନ୍ଦ୍ରମନ୍ତ୍ରୀ ଓ ବିଜେପି ସାଂସଦମାନେ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ରାଷ୍ଟ୍ରପତିଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟି ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଶେଶ୍ୱର ଟୁଡୁ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ସୋନାଲ ମାନସିଂହ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ସଙ୍ଗୀତା ସିଂହଦେଓ, ଅପରାଜିତା ଷଡ଼ଙ୍ଗୀ, ନୀତେଶ ଗଙ୍ଗଦେବ ପ୍ରମୁଖ ଶ୍ରୀମତୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇବା ସହ ଆଲୋଚନା କରିଥିଲେ। କହିଛନ୍ତି ଯେ, ଓଡ଼ିଶାର ପୁରପଲ୍ଲୀରୁ ଆରମ୍ଭ କରି ଦେଶରେ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ନେଇ ଆନନ୍ଦ ଓ ଉଲ୍ଲାସର ଲହରୀ ଖେଳିଯାଇଛି। ଶ୍ରୀମତୀ ମୁର୍ମୁ ସାଧାରଣ ନାଗରିକରୁ ଦେଶର ପ୍ରଥମ ନାଗରିକ ହେବାକୁ ଯାଉଛନ୍ତି। ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡା। ଏହା ଆମ ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ। ସ୍ୱାଧୀନତାର ୭୫ ବର୍ଷ ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀମତୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ କରିଥିଲେ। ଏଥିପାଇଁ ଆମେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।



ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି ପଦ୍ମ ବିଜେତା ପ୍ରତିଭା ରାୟ, ଦମୟନ୍ତୀ ବିଶ୍ରା, ସାବରମତୀ, ହଳଧର ନାଗ ଓ ଦୈତାରୀ ନାୟକ

## ଦ୍ରୌପଦୀ ମୁର୍ମୁଙ୍କ ବିଜୟରେ ଜନଜାତି ଏବଂ ଦେଶର ସାଧାରଣ ନାଗରିକଙ୍କ ବିଜୟ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ: ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଓଡ଼ିଶାର ଗୌରବ ଜନଜାତି ଜନନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ବିଜୟ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଜନଜାତି ଜନନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶର ଆଶା, ପ୍ରତିବଦ୍ଧତା ଏବଂ ଏକ ସଶକ୍ତ ଭାରତ ଓ ସୁଦୃଢ଼



ଗଣତନ୍ତ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କର ବିଜୟ, ପ୍ରତ୍ୟେକ ଭାରତୀୟ ବିଶେଷ ଭାବରେ ଜନଜାତି ସମୁଦାୟ, ଏବଂ ଦେଶର ସାଧାରଣ ନାଗରିକଙ୍କ ବିଜୟ। ଶ୍ରୀମତୀ ମୁର୍ମୁଙ୍କ ଏହି ଐତିହାସିକ ବିଜୟରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି। ତାଙ୍କର ବିଜୟ ମହିଳା ସଶକ୍ତିକରଣ, ସାମାଜିକ ନ୍ୟାୟ, ମହିଳା ନେତୃତ୍ୱ, ବହୁସଂଖ୍ୟକ ଓ ସର୍ବସ୍ପର୍ଶୀ ସମାଜର ପ୍ରତୀକ, ଯାହା ନୂଆ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଜଣେ ଓଡ଼ିଆ ଭାବରେ, ରାଷ୍ଟ୍ରପତି ନିର୍ବାଚନରେ ଓଡ଼ିଶାର ଗୌରବ ଶ୍ରୀମତୀ ମୁର୍ମୁଙ୍କ ବିଜୟ ମୋତେ ବ୍ୟକ୍ତିଗତ ଭାବରେ ବହୁତ ଆନନ୍ଦ ଦେଇଛି। ସାଧାରଣ ପରିବାରରୁ ଆସିଥିବା ଶ୍ରୀମତୀ ମୁର୍ମୁଙ୍କ ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନର ଯାତ୍ରା ସମସ୍ତଙ୍କୁ ପ୍ରେରିତ କରିବ।

## ପ୍ରତ୍ୟେକ ଓଡିଆ ଗୌରବାନ୍ୱିତ : ସମୀର ମହାନ୍ତି




ଭୁବନେଶ୍ୱର : ଦେଶର ଶୀର୍ଷ ସାମ୍ବିଧାନିକ ପଦ ରାଷ୍ଟ୍ରପତି ପାଇଁ ବିଜେପି ନେତୃତ୍ୱ ଏନଡିଏ ତରଫରୁ ପ୍ରାର୍ଥୀ ହୋଇଥିବା ଓଡ଼ିଶା ମାଟିର ଗର୍ବ, ଗୌରବ ତଥା ଓଡ଼ିଆ ଓ ଆଦିବାସୀ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟର ଏକ ଉପାନ୍ତ ଜିଲ୍ଲାର ରାଇରଙ୍ଗପୁର ଅଂଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ମୁର୍ମୁ ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଇସିନା ହିଲ୍‌କୁ ପହଂଚିଛନ୍ତି। 'ସମାଜର ଅନ୍ତିମ ଧାଡିରେ ବାସ କରୁଥିବା ବ୍ୟକ୍ତି ଯେଉଁ ଦିନ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ହେବେ, ସେହି ଦିନ ବାସ୍ତବରେ ସ୍ୱାଧୀନତା ପ୍ରାପ୍ତ ହେଲା ବୋଲି ଜାଣିବା' ବୋଲି ସମ୍ବିଧାନର ପ୍ରଣେୟତା ଡ.ଭୀମରାଓ ଆମ୍ବେଦକର କହିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ 'ଆଜାଦୀ କି ଅମୃତ ମହୋତ୍ସବ' ପାଳନ କରୁଥିବା ସମୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହାକୁ ବାସ୍ତବରେ ପରିଣତ କରିଛନ୍ତି ଏବଂ ଏହା ଓଡିଶାବାସୀଙ୍କ ପାଇଁ ସ୍ୱାଧୀନତା ପରବର୍ତ୍ତୀ ସର୍ବଶ୍ରେଷ୍ଠ ଉପହାର ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

# ଗତ ୩ବର୍ଷରେ ସ୍ୱାସ୍ଥ୍ୟ ବଜେଟ୍ ଦୁଇଗୁଣ ହୋଇଛି : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ରାଜ୍ୟ ସରକାର ୫୧୦ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ଏଥିରେ ୩୫୮ ଏଲୋପ୍ୟାଥିକ, ୧୧୬ ହୋମିଓପ୍ୟାଥିକ ଡାକ୍ତର ଓ ୩୬ ହୋମିଓପ୍ୟାଥିକ ଅଧ୍ୟାପକ ରହିଛନ୍ତି । ଏଥିପାଇଁ ଲୋକସେବା ଭବନର କନଭେନସନ ସେଣ୍ଟରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ, ମିସନ୍ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଓ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ସିଦ୍ଧାନ୍ତ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ପର୍ଯ୍ୟବେସିତ । ରାଜ୍ୟର ସାଢ଼େ ୪କୋଟି ଲୋକଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ସମସ୍ତେ ଯେପରି ଉନ୍ନତମାନର ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ଓ ଲୋକଙ୍କ ପକେଟ ବାହାର ଖର୍ଚ୍ଚକୁ କମିବ ତାହାପ୍ରତି ରାଜ୍ୟ ସରକାର ଦୃଢ଼ ପରିକର । ମୁଖ୍ୟମନ୍ତ୍ରୀ ଆହୁରିମଧ କହିଥିଲେ ଯେ ପ୍ରତିବର୍ଷ ରାଜ୍ୟର ସ୍ୱାସ୍ଥ୍ୟ ବଜେଟ୍ ବଢ଼ି ଚାଲିଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୬୮୦୦ କୋଟିରୁ ଅଧିକ ଥିବା ବେଳେ ୨୦୨୨-୨୩ବର୍ଷରେ ଏହା ୧୨ହଜାର କୋଟିରୁ ଅଧିକ ରହିଛି । ଯାହାକି ରାଜ୍ୟର ସମୁଦାୟ ବଜେଟ୍‌ର ୬ ପ୍ରତିଶତ । ଗତ ୩ବର୍ଷରେ ସ୍ୱାସ୍ଥ୍ୟ ବଜେଟ୍ ଦୁଇଗୁଣ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ମଡେଲ ୫-ଟି ଉପରେ ପର୍ଯ୍ୟବେସିତ । ନିଯୁକ୍ତିପତ୍ର ପାଇଥିବା ଡାକ୍ତରମାନେ ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ସହିତ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ଉପରେ ଲୋକଙ୍କ ଭରସା ବଢ଼ାଇବାରେ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଲେ, ରାଜ୍ୟ ସରକାରଙ୍କ କୋଭିଡ ପରିଚାଳନା ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛି । ନବନିଯୁକ୍ତ ଡାକ୍ତରମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଲାଗି ସେ ଆହ୍ୱାନ କରିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ସଫଳତା ଉପରେ ଆଲୋକପାତ କରିଥିଲେ । ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଡାକ୍ତରଙ୍କ ଉପରେ ଯଥେଷ୍ଟ ଭରସା ରହିଛି । ତେଣୁ ସେମାନେ ଲୋକଙ୍କ ଆଶାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଜରୁରୀ ବୋଲି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଥିଲେ । ୫-ଟି ସଚିବ ଭିକେ ପାଣ୍ଡିଆନ୍ ନବନିଯୁକ୍ତ ଡାକ୍ତରଙ୍କ ସହିତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀଙ୍କ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ସିଦ୍ଧାନ୍ତ ଉପରେ ମତ ରଖିଥିଲେ । ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ବିପର୍ଯ୍ୟୟ ପରିଚାଳନା ଆଦି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ପ୍ରଥମ ଦିନରୁ ଗୁରୁତ୍ୱ ଦେଇ ଆସୁଛନ୍ତି । ଲୋକଙ୍କ ଜୀବନ ରକ୍ଷା କରିବା କ୍ଷେତ୍ରରେ ଓଡ଼ିଶା କିଭଳି କାର୍ଯ୍ୟ କରୁଛି ତାହା ବିଶ୍ୱବାସୀ ଦେଖିଛନ୍ତି । ତେଣୁ ଡାକ୍ତରମାନେ ମଧ ସମାନ ସିଦ୍ଧାନ୍ତ ସହିତ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ଲୋକଙ୍କ ଜୀବନ କିଭଳି ରକ୍ଷା ହୋଇପାରିବ ତାହାକୁ ଗୁରୁତ୍ୱ ଦେବା ଜରୁରୀ । ଲୋକଙ୍କ ସେବା କରିବା ସମୟରେ ସ୍ୱଚ୍ଛତା ରଖିବା ଲାଗି ସେ ଆହ୍ୱାନ କରିଥିଲେ । ପ୍ରାରମ୍ଭରେ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ ।

# ବିପଦସଂକୁଳ ଅବସ୍ଥାରେ ଡଙ୍ଗାରେ ଚାଲିଛି ଯାତ୍ରୀ ପରିବହନ



ବ୍ରହ୍ମଗିରି : ଚିଲିକାରେ ସୁରକ୍ଷିତ ଜଳଯାତ୍ରା ପାଇଁ ରହିଛି ଭସାପୋଲ । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏହାର ଦାୟିତ୍ୱରେ ରହିଛନ୍ତି । କିନ୍ତୁ ଏବେ ମାସକୁ ଦୁଇରୁ ତିନି ଥର ଯାତ୍ରୀ ଓ ଗାଡ଼ି ସହିତ ମଝି ଚିଲିକାରେ ଭସାପୋଲ ଅଟକୁଛି । ଦିନ ଦିନ ଓ ରାତି ରାତି ଭସାପୋଲ ମଝି ଚିଲିକାରେ ଫସିରହୁଛି । ଏପଟେ ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ଚିଲିକାରେ ଚାଲିଛି ଯାତ୍ରୀ ପରିବହନ । ଯାତ୍ରୀଙ୍କ ଜୀବନକୁ ଚିଲିକାରେ ବାଜି ଲାଗିଛି । ନିକଟରେ କାଳିଜାଈଙ୍କ ପୀଠରୁ ଯାତ୍ରୀଙ୍କ ସହିତ ଡଙ୍ଗା ଆସୁଥିବା ବେଳେ ବଡ଼ଅଘଟଣ ଘଟିଥିଲା । ଏଥିରେ ଜଣଙ୍କ ଜୀବନ ଯାଇଥିଲା । ଏହା ପୂର୍ବରୁ ବଣଭୋଜି କରି ଚିଲିକାରୁ ଫେରିବା ବେଳେ ମଝି ଚିଲିକାରେ ଡଙ୍ଗା ବୁଡ଼ି ଜୀବନ ଯାଇଥିଲା । କାଳିଜାଈ ଫେରିବା ବେଳେ ଡଙ୍ଗା ଦୁର୍ଘଟଣା ପରେ ସାତପଡ଼ାଠାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍ ପ୍ରଶାସନ ଓ ମୋଟର ବୋଟ୍ ସଂଘ ସହିତ ଡଙ୍ଗାଚାଳକଙ୍କ ମିଳିତ ବୈଠକରେ ସାତପଡ଼ାଠାରୁ ଜହ୍ନିକୁଦା ଘାଟକୁ ସୁରକ୍ଷିତ ଯାତ୍ରୀ ପରିବହନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଶାସନର କଡା ନିର୍ଦ୍ଦେଶ ଥିଲା ଡଙ୍ଗାରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ହେବ ନାହିଁ । ସବୁ ଡଙ୍ଗାରେ ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ ପିନ୍ଧିବେ । ଯାତ୍ରୀ ପରିବହନ କରୁଥିବା ଡଙ୍ଗା ପଞ୍ଜୀକରଣ ହେବ । ସବୁ ଡଙ୍ଗାରେ ଓ୍ୱାକିଟକି ରହିବ । ଏମିତି କେତେ କଣ ନିର୍ଦ୍ଦେଶନାମା ଜାରି ହୋଇଥିଲା । ବୈଠକ ପର ଦିନଠାରୁ ସବୁ ଯେମିତି ଚିଲିକା ପାଣିରେ ମିଳେଇ ଗଲା । କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ଚାଲିଲା । କେହି ବି ଲାଇଫ୍ ଜ୍ୟାକେଟ୍ ପିନ୍ଧିଲେ ନାହିଁ । ସବୁକିଛି ପୁରୁଣା ଢାଞ୍ଚାରେ ଚାଲିଲା । ଭସାପୋଲ ମଝି ଚିଲିକାରେ ଯାତ୍ରୀଙ୍କ ସହିତ ଅଟକିବା ପରେ ସାତପଡ଼ା ଘାଟରୁ ଯାତ୍ରୀଙ୍କ ସହିତ ଚାରି ଚକିଆ ଯାନ ଲଦା ହୋଇ ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ଚିଲିକା ପାରି ହେଉଥିବା ଦେଖିବାକୁ ମିଳିଛି । ୩୦ରୁ ଅଧିକ ଯାତ୍ରୀ, ୧୦ରୁ ଅଧିକ ବାଇକ୍ ଏବଂ ଚାରିଚକିଆ ଗାଡ଼ି ଅଥଳ ଚିଲିକାରେ ଦୀର୍ଘ ୫ କିଲୋମିଟର ପାରି ହେଉଥିବା ଦେଖିବାକୁ ମିଳିଛି । ସବୁକିଛି ପ୍ରଶାସନର ନାକ ତଳେ ଚାଲିଛି । ନା ଅଛି କଟକଣା ନା କାର୍ଯ୍ୟାନୁଷ୍ଠାନ । ସବୁଜାଣି ଶୁଣି ପ୍ରଶାସନ ଚୁପ ବସିଛି । ଆଉ ଚାରି ଚକିଆ ଗାଡ଼ି ନେଇ ଡଙ୍ଗାରେ ଯାଉଥିବା ବ୍ୟକ୍ତିଙ୍କ ଯୁକ୍ତି ହେଉଛି ଭସାପୋଲକୁ ଆଉ ଭରସା ପାଉନି । ମଝି ଚିଲିକାରେ ଅଟକୁଛି । ବରଂ ତାଠାରୁ ଭଲ ଡଙ୍ଗାରେ ଗାଡ଼ି ପରିବହନ କରିବା । ଏଭଳି ସ୍ଥିତିରେ ଚିଲିକାରେ ଯାତ୍ରୀଙ୍କ ଜୀବନ ବାଜିରେ ଲାଗିଛି । ପ୍ରକାଶ ଯୋଗ୍ୟ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌କୁ ଏକମାତ୍ର ଯାତାୟାତର ମାଧ୍ୟମ ହେଉଛି ଜଳପଥ । ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ପାରି ହେବାକୁ ୫ କିଲୋମିଟର ଜଳପଥ ରହିଛି । ଏବେ ଯେଉଁଭଳି ଚିଲିକାରେ ଯାତ୍ରୀ ପରିବହନ ଚାଲିଛି ଜୀବନ ଚାଲିଯିବାର ଆଶଙ୍କା ଅଧିକ ରହିଥିବା ବୁଦ୍ଧିଜୀବୀ କହିଛନ୍ତି ।

# ବାଘ ଶୂନ୍ୟ ହେବ ସୁନାବେଡ଼ା ଅଭୟାରଣ୍ୟ

ନୂଆପଡ଼ା : ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ବଢ଼ିବାରେ ଲାଗିଛି ବନ୍ୟଜନ୍ତୁ ଶିକାର । ସୁନାବେଡ଼ା ଅଭୟାରଣ୍ୟ ପ୍ରସ୍ତାବିତ ବ୍ୟାଘ୍ର ପ୍ରକଳ୍ପରେ ଏବେ ଅସୁରକ୍ଷିତ ରହୁଛନ୍ତି ବନରାଜି । ସରକାର ୧୯୮୪ ମସିହାରେ ସୁନାବେଡ଼ା ଅଭୟାରଣ୍ୟ ଘୋଷଣା କରିଥିଲେ । ଓଡ଼ିଶା-ଛତିଶଗଡ଼ ରାଜ୍ୟ ସୀମାନ୍ତରେ ବାଘ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥାନ ପାଇଁ ୬ ଶହ ବର୍ଗ କିମି ଆୟତନ ବିଶିଷ୍ଟ ଜଂଗଲକୁ ଏଥିରେ ସାମିଲ କରାଯାଇଛି । ସୁନାବେଡ଼ା ପ୍ରସ୍ତାବିତ ବ୍ୟାଘ୍ର ଅଭୟାରଣ୍ୟ ଓ ଉଦନ୍ତୀ ସୀତାନଦୀ ବ୍ୟାଘ୍ର ପ୍ରକଳ୍ପ ଅଭୟାରଣ୍ୟ ସଂଲଗ୍ନ ହୋଇ ରହିଥିବାରୁ ଏକଦା ଏଠାରେ ବାଘ ବଂଶ ବୃଦ୍ଧି ପାଇଥିଲା । ୧୯୯୬ରେ କେନ୍ଦ୍ର ସରକାର ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଇଥିଲେ । ୨୦୧୮ ଫେବ୍ରୁଆରିରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଅଭୟାରଣ୍ୟରେ ପଗମାର୍କ ଓ କ୍ୟାମେରା ଟ୍ରାକିଂ ସାହାଯ୍ୟରେ ତୃଣ ?ଭୋଜି ଓ ମାଂସାସୀ ପ୍ରାଣୀଙ୍କ ଗଣନା କରାଯାଇଥିଲା । ପ୍ରାରମ୍ଭିକ ରିପୋର୍ଟରୁ ୧୪ରୁ ୧୬ଟି ମହାବଳ ଓ କଲରପତରିଆ ବାଘ ରହିଥିବା ଅନୁମାନ କରାଯାଇଥିଲା । ଅଭୟାରଣ୍ୟରେ ବିରଳ ପ୍ରଜାତିର ବ୍ଲାକ୍ ଟାଇଗର ରହିଥିବା ଜଣାପଡ଼ିଥିଲା । ୨୦୧୯ ଅଗଷ୍ଟ ୨୨ ତାରିଖରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସଦ୍ ?ଭାବନା ଗୃହରେ ଓଡ଼ିଶା- ଛତିଶଗଡ଼ ରାଜ୍ୟ ବନ୍ୟପ୍ରାଣୀ ବିଭାଗର ବରିଷ୍ଠ ଅଧିକାରୀ ସୁନାବେଡ଼ା ଅଭୟାରଣ୍ୟ ପ୍ରସ୍ତାବିତ ବ୍ୟାଘ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଆଲୋଚନା କରିଥିଲେ । ଜାତୀୟ ବ୍ୟାଘ୍ର ସଂରକ୍ଷଣ ସଂସ୍ଥା ସୁନାବେଡ଼ା ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ ଘୋଷଣା ପାଇଁ ମଞ୍ଜୁରି ଦେଇସାରିଥିବା ବେଳେ ରାଜ୍ୟ ସରକାରଙ୍କଠାରେ ପ୍ରସ୍ତାବ ଅଟକି ରହିଛି । ଅନ୍ୟପକ୍ଷରେ ଓଡ଼ିଶା- ଛତିଶଗଡ଼ ସୀମାନ୍ତରେ ଅନ୍ତଃରାଜ୍ୟ ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ପରିଣାମ ସ୍ୱରୂପ ଅଭୟାରଣ୍ୟର ବନ୍ୟପ୍ରାଣୀ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ନଦେଲେ ସୁନାବେଡ଼ା ଅଭୟାରଣ୍ୟ ବାଘ ଶୂନ୍ୟ ହୋଇଯିବ ବୋଲି ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି । ବନ୍ୟପ୍ରାଣୀ ବିଭାଗର ନିରବତା ଯୋଗୁଁ ସିନାପାଲି ଓ ଗରିଆବନ୍ଧ ଜିଲ୍ଲା ସୀମାନ୍ତରେ ବାଘ ସହ ଅନ୍ୟ ବନ୍ୟପ୍ରାଣୀଙ୍କ ଅଂଗ ପ୍ରତ୍ୟଙ୍ଗ ଚାଲାଣ ଚାଲିଛି । ଗତ ବର୍ଷ ଜୁନ ୭ ତାରିଖ ଦିନ ଗରିଆବନ୍ଧ ଜିଲ୍ଲା ଉଦନ୍ତୀ ସୀତାନଦୀ ଅଭୟାରଣ୍ୟ ଅଧୀନ ଇନ୍ଦାଗାଁ ଥାନା କୁଲିହାଡ଼ିହି ଗାଁ ଧେଲେନ ନାଳ ନିକଟରୁ ଏକ କଲରାପତରିଆ ବାଘକୁ ଦରପୋଡ଼ା ଅବସ୍ଥାରେ ଛତିଶଗଡ଼ ବନ ବିଭାଗ ଜବତ କରିଥିଲା । ବର୍ଷକ ଭିତରେ ସୀମାନ୍ତ ଅଞ୍ଚଳରେ ଗରିଆବନ୍ଧ ଜିଲ୍ଲା ବନ ବିଭାଗ ଏବଂ ଓଡ଼ିଶା ସ୍ପେସାଲ ଟାସ୍କଫୋର୍ସ ଟିମ୍ ଅନେକ ସ୍ଥାନରେ ଚଢ଼ଉ କରି ବାଘଛାଲ, ନଖ, ବଜ୍ରକାପ୍ତା କାତି ଭଳି ବନ୍ୟଜନ୍ତୁ ଦେହାବଶେଷକୁ ଜବତ କରିଛି । ମାତ୍ର ନୂଆପଡ଼ା ଜିଲ୍ଲାରେ ବନ ବିଭାଗ କୌଣସି ବନ୍ୟଜନ୍ତୁଙ୍କ ଦେହାବଶେଷ ଜବତ କରିପାରି ନାହିଁ । ଏଭଳି ଛତିଶଗଡ଼ ବନ ବିଭାଗକୁ ବହୁ ସଫଳତା ମିଳିଥିବା ବେଳେ ଓଡ଼ିଶା ବନ ବିଭାଗର ଅପାରଗତା ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଛି । ସେ ଯାହା ହେଉନା କାହିଁକି ବର୍ତ୍ତମାନ ସୁନାବେଡ଼ା ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ ଆଗାମୀ ଦିନରେ ଅଭୟାରଣ୍ୟ ବନ୍ୟପ୍ରାଣୀ ଶୂନ୍ୟ ବିଶେଷ କରି ବାଘଶୂନ୍ୟ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି ।

# ଆଧାର ନ ଥିବାରୁ ପାଠପଢ଼ା ବନ୍ଦ: ଭିକ୍ଷା କଲେ ଭୋକ ମେଣ୍ଟେ



ଦଶପଲ୍ଲା : ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ନଥିବାରୁ କୌଣସି ସରକାରୀ ସହାୟତା ମିଳିପାରୁନି । ସ୍ୱାମୀଙ୍କ ମୃତ୍ୟୁ ପରେ ୫ଟି ଛୁଆଙ୍କ ପେଟକୁ ଆହାର ମୁଠେ ଯୋଗାଇ ଦେବାକୁ ସକାଳୁ ଉଠି ଗାଁ ଗାଁ ବୁଲି ଭିକ୍ଷା ମାଗିବାକୁ ପଡୁଛି । ପାଠ ପଢ଼ିବା ପାଇଁ ପିଲାଙ୍କ ମନରେ ଆଗ୍ରହ ରହିଥିଲେ ମଧ ଆଧାର କାର୍ଡ ନଥିବା ହେତୁ ବିଦ୍ୟାଳୟରେ ପାଠପଢ଼ି ପାରୁନାହାନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି, ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ସୁବଳୟାସ୍ଥିତ ଟୁବୁରୀ ପାହାଡ଼ରେ ଅବସ୍ଥିତ ମୁଣ୍ଡପୋତା କେଳା ସମୁଦାୟର ଶାନ୍ତି ପ୍ରଧାନଙ୍କ କ୍ଷେତ୍ରରେ । ଶାନ୍ତିଙ୍କ କହିବା ଅନୁଯାୟୀ, ସ୍ୱାମୀ କୈଳାସ ବିଭିନ୍ନ ସ୍ଥାନକୁ ଯାଇ ନିଜର କଳାକୌଶଳ ପ୍ରଦର୍ଶନ କରି ପରିବାର ଚଳାଇ ଆସନ୍ତି । ଏହା ମଧ୍ୟରେ ୨ ବର୍ଷ ତଳେ ବ୍ରହ୍ମପୁରରେ ରହୁଥିବା ବେଳେ କିଛି ବ୍ୟକ୍ତି ଡାକିନେଇ ତଣ୍ଟିକାଟି ହତ୍ୟା କରିଥିଲେ । ଏହା ପରେ ୩ଟି ପୁଅ ଓ ୨ଟି ଝିଅଙ୍କୁ ଧରି ସୁବଳୟା ଚାଲି ଆସିଥିଲେ । ପାହାଡ଼ ଉପରେ ଝାଟିମାଟିରେ ଏକ କୁଡ଼ିଆ କରି ଆଶ୍ରୟ ନେଉଛନ୍ତି । ଏହି ପାହାଡ଼ରେ ରହୁଥିବା ଅନ୍ୟ ପରିବାରର ଆଧାର କାର୍ଡ ରହିଥିବା ବେଳେ ସେମାନଙ୍କୁ ରାସନ ସାମଗ୍ରୀ ମିଳୁଛି । ମାତ୍ର ତାଙ୍କର ଆଧାର କାର୍ଡ କିମ୍ବା ଭୋଟ୍ ପରିଚୟପତ୍ର ନଥିବା ହେତୁ କୌଣସି ସରକାରୀ ସହାୟତା ମିଳିପାରୁନି । ଏ ସମ୍ପର୍କରେ ବହୁବାର ପଞ୍ଚାୟତର ସରପଞ୍ଚଙ୍କୁ ଅଭିଯୋଗ କରିଥିବା ମଧ କହିଛନ୍ତି । ପିଲାଙ୍କ ପାଠ ପଢିବା ପାଇଁ ଆଗ୍ରହ ରହିଥିଲେ ମଧ ଆଧାରକାର୍ଡ ନଥିବା ହେତୁ ବିଦ୍ୟାଳୟରେ ନାଁ ଲେଖାଇବା ପାଇଁ ଶିକ୍ଷକ ମନା କରିଥିବା ମଧ ପ୍ରକାଶ କରିଛନ୍ତି ।

ଏହା ମଧରେ ସକାଳୁ ଉଠି ଗାଁଗଣ୍ଡା ବୁଲି ଚାଉଳ ମୁଠେ ସଂଗ୍ରହ କରିବା ସହ ପିଲାଙ୍କ ପାଇଁ ମଗାଯଚା କରି ପୋଷାକପତ୍ର ଖଣ୍ଡେ ନେଲେ ସେଥିରେ ଦେହ ଢାଙ୍କିବାକୁ ପଡୁଛି । ବଡକଥା ହେଉଛି, ରାଜ୍ୟରେ ସରକାର ମାଳମାଳ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆଜିର ସମାଜରେ ଏଭଳି ପରିଚୟ ବିହୀନ ସମୁଦାୟର ଏକ ପରିବାର ଦାରିଦ୍ର୍ୟ ମଧରେ ଜୀବନ ଅତିବାହିତ କରିବା ସରକାରୀ ବିଧିବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ଜରୁରୀ ହୋଇପଡ଼ିଛି ।

## ରଣପୁରରେ ବଢ଼ିଚାଲିଛି କଙ୍ଗାରୁ କୋର୍ଟ, ଚୁପ୍ ବସିଛି ପ୍ରଶାସନ

ରଣପୁର : କିଛି ମାସ ହେଲା ରଣପୁର ଅଞ୍ଚଳରେ କଙ୍ଗାରୁକୋର୍ଟ ଏକ ନିତିଦିନିଆ ଘଟଣା ପାଲଟିଥିବା ଦେଖିବାକୁ ମିଳିଛି । ଏ ନେଇ ପୀଡ଼ିତ ପରିବାର ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଚର୍ଚ୍ଚା ଯୋର ଧରିଛି । ତେବେ ଅତୀତରେ ରାଜରାଜୁଡ଼ା ଶାସନ ସମୟରେ 'ଯୋର ଯାର ମୂଲକ ତାର' ନୀତିରେ ଲୋକେ ଜୀବନ ନିର୍ବାହ କରୁଥିଲେ । ଏପରିକି କୌଣସି ଅପରାଧମୂଳକ କାର୍ଯ୍ୟରେ ଗ୍ରାମରେ କଙ୍ଗାରୁ କୋର୍ଟ ବସି ଦଣ୍ଡ ବିଧାନ ହେଉଛି । କିନ୍ତୁ ଗଣତନ୍ତ୍ର ପ୍ରତିଷ୍ଠା ହେବା ପରେ ଏ ସବୁ ବନ୍ଦ ହୋଇଯାଇଥିବା ବେଳେ ଲୋକେ ସ୍ୱତନ୍ତ୍ରତା ପାଇ ଆସୁଛନ୍ତି । କିନ୍ତୁ ଏବେ ବି ରଣପୁର ଅଞ୍ଚଳରେ ଅନେକ ଗାଁ ଅଛି ଯେଉଁଠାରେ କି ଏକଘରକିଆ ବା ଗାଁରୁ ନିଆଁ ପାଣି ବାସନ୍ଦ କରାଯାଉଛି । ଏହାର ଜ୍ୱଳନ୍ତ ଜ୍ୱଳନ୍ତ ଉଦାହରଣ ହେଉଛି, ରଣପୁର ବ୍ଲକ୍ ଅନ୍ତର୍ଗତ ବାଙ୍କପୁର ଗାଁର ବିଜିନି ରାୟଙ୍କ ପରିବାର, ପିମ୍ପଲ ଗାଁର ନୀଳକଣ୍ଠ ବେହେରାଙ୍କ ପରିବାର, ରଙ୍କଦେଉଳୀ-ବାଦଭୂଇଁ ଗାଁର ଅଶୋକ କୁମାର ସ୍ୱାଇଁଙ୍କ ପରିବାର । ଏପରି ଅନେକ ପରିବାର ବିଭିନ୍ନ ସମୟରେ କଙ୍ଗାରୁ କୋର୍ଟର ଶିକାର ହୋଇ ଆସୁଛନ୍ତି । ଏ ନେଇ ପୀଡ଼ିତ ପରିବାର ପୁଲିସ ଓ ନ୍ୟାୟାଳୟର ଆଶ୍ରୟ ନେଉଥିଲେ ହେଁ ପୀଡ଼ିତ ପରିବାରଙ୍କୁ ତ୍ୱରିତ ନ୍ୟାୟ ମିଳୁ ନଥିବା ଅଭିଯୋଗ ହେଉଛି । ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବିଭିନ୍ନ ସାମାଜିକ ସଂଗଠନ ଓ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଦାବି ହେଉଛି ।

## ପର୍ଯ୍ୟାୟକ୍ରମେ ପ୍ରତିଷ୍ଠା ହେବ ଓଡ଼ିଶା ଅର୍ଥନୈତିକ କରିଡର

ଭୁବନେଶ୍ୱର : ଓଡ଼ିଶା ଅର୍ଥନୈତିକ କରିଡର(ଓଇସି) ପୂର୍ବତଟ ଅର୍ଥନୈତିକ କରିଡର(ଇସିଇସି)ର ଏକ ଅଂଶ ବିଶେଷ । ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁ ରହିଛି । ପର୍ଯ୍ୟାୟକ୍ରମେ ଆସନ୍ତା ୧୦ବର୍ଷରେ ପ୍ରତିଷ୍ଠା କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସୂଚନା ଦେଇଛନ୍ତି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଦେବ କହିଛନ୍ତି ଯେ ଓଇସି ହେଉଛି ରାଜ୍ୟ ସରକାର ଇଡ୍‌କୋ ଓ ଜାତୀୟ ଶିଳ୍ପ କରିଡର ବିକାଶ ଓ କାର୍ଯ୍ୟାନ୍ୱୟନ ଟ୍ରଷ୍ଟ(ଏନ୍‌ଆଇସିଡିଆଇଟି) ମଧ୍ୟରେ ଏକ ମିଳିତ ଉଦ୍ୟୋଗ ଯୋଜନା । ଏହି ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଅଂଶଧନ ବାବଦରେ ଜମି ଯୋଗାଇଦେବେ । ଅନୁରୂପ ଅଂଶଧନ ବାବଦରେ ଏନ୍‌ଆଇସିଡିଆଇଟି କର୍ତ୍ତୃପକ୍ଷ ୩ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଟ୍ରଙ୍କ ଭିତ୍ତିଭୂମି ବିକାଶ ପାଇଁ ଯୋଗାଇବେ । କେ-୧ରେ ସରକାରୀ ଓ ଘରୋଇ ଜମିକୁ ମିଶାଇ ୩୭୭୨.୬୩୧ ଏକର ଜମି ଅଧିଗ୍ରହଣ କରାଯାଇଛି । ସେହିପରି କେ-୨ରେ ୧୮୧୯.୩୦୮ ଏକର ଜମି ଓ ଖୋର୍ଦ୍ଧା ଜିଲ୍ଲା କେ-୩ ପ୍ରକଳ୍ପରେ ୫୩୨.୩୯ ଏକର ଜମି ଅଧିଗ୍ରହଣ କରାଯାଇଛି ।

## ୪ ବିଦ୍ୟୁତ ବିତରଣ କମ୍ପାନିଙ୍କ ୨୪୫୫ କୋଟି ପୁଞ୍ଜି ବ୍ୟୟକୁ ଅନୁମୋଦନ

ଭୁବନେଶ୍ୱର : ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ୨୦୨୨/୨୩ ସୁଦ୍ଧା ରାଜ୍ୟର ୪ଟି ବିତରଣ କମ୍ପାନିଙ୍କ ୨୪୫୫ କୋଟି ପୁଞ୍ଜି ବ୍ୟୟକୁ ଅନୁମୋଦନ ଦେଇଛନ୍ତି । ଏହା ମଧ୍ୟରୁ ବିତରଣ କମ୍ପାନିଗୁଡ଼ିକ ବର୍ତ୍ତମାନସୁଦ୍ଧା ୭୮୬.୨୯ କୋଟି ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଦେଇଛନ୍ତି ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ । ବିଧାୟକ ସେ ?ମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦେବ କହିଛନ୍ତି ଯେ ୨୦୨୦/୨୧ ଆର୍ଥିକ ବର୍ଷରେ ବିଦ୍ୟୁତ ବିତରଣ ବ୍ୟବସ୍ଥାର ଦ୍ୱିତୀୟ ପର୍ଯ୍ୟାୟ ଘରୋଇକରଣ ଆରମ୍ଭ ହୋଇଛି । ୨୦୨୦/୨୧ ଓ ୨୦୨୧/୨୨ ଆର୍ଥିକ ବର୍ଷରେ ବିତରଣ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ରାଜ୍ୟ ବଜେଟରୁ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ୯୧୧କୋଟି ଟଙ୍କା ଯୋଗାଇ ଦିଆଯାଇଛି । ଏହାବାଦ୍ ବିତରଣ କମ୍ପାନିମାନେ ଭେଷ୍ଟିଂ ଅର୍ଡରରେ ଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ୫ବର୍ଷ ଭିତରେ ବିତରଣ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ନିଜସ୍ୱ ପୁଞ୍ଜି ବ୍ୟୟ ମାଧ୍ୟମରେ ଅତିକମ୍‌ରେ ୫୬୪୦ କୋଟି ଟଙ୍କା ବିନିଯୋଗ କରିବେ ବୋଲି ଶ୍ରୀ ଦେବ କହିଛନ୍ତି ।

## ଭିନ୍ନକ୍ଷମଙ୍କ ଦକ୍ଷତା ତାଲିମ ପାଇଁ ୯୭ଲକ୍ଷରୁ ଅଧିକ ବ୍ୟୟ ବରାଦ

ଭୁବନେଶ୍ୱର : ରାଜ୍ୟରେ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ପାଇଁ ୨୦୨୧/୨୨ ଆର୍ଥିକ ବର୍ଷରେ ୧୦୫.୧୮ଲକ୍ଷ ବ୍ୟୟ ବରାଦ କରାଯାଇଛି । ଏହାସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ଦକ୍ଷତା ତାଲିମ ପାଇଁ ୯୭,୬୦,୪୩୯ ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା । ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରେ ଶ୍ରୀ ପଣ୍ଡା କହିଛନ୍ତି ଯେ ଦକ୍ଷତା ତାଲିମ ପାଇଁ ଡିଆରଆଇ ଲୋନ ଓ ସିଏମ୍‌ଆରଏଫ୍‌ରୁ ମଧ ସହାୟତା ଦିଆଯାଉଛି ।

## ରାଜ୍ୟରେ ୧୨ଲକ୍ଷରୁ ଅଧିକ ଭିନ୍ନକ୍ଷମ ଅଛନ୍ତି

ଭୁବନେଶ୍ୱର : ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୧୨,୪୪,୪୦୨ ଜଣ ଭିନ୍ନକ୍ଷମ ଅଛନ୍ତି । ଏଥିରେ ୬୭,୪୭,୭୫ ପୁରୁଷ ଓ ୫୬,୯୬,୨୭ ଜଣ ମହିଳା ରହିଛନ୍ତି । ସେମାନଙ୍କ ମଧ୍ୟରୁ ୪୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଭିନ୍ନକ୍ଷମ ପ୍ରମାଣପାତ୍ର ପାଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ ଯୋଜନାରେ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଉଦ୍ଦିଷ୍ଟ ବୋଲି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଶୋକ ଚନ୍ଦ୍ର ପଣ୍ଡା । ବିଧାୟକ ଭୂପିନ୍ଦର ସିଂଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପଣ୍ଡା କହିଛନ୍ତି ଯେ ୨୦୨୨/୨୩ ଆର୍ଥିକ ବର୍ଷରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ପାଇଁ ୧୫୦ କୋଟି ୪୭ଲକ୍ଷ ବ୍ୟୟ ବରାଦ ହୋଇଛି । ରାଜ୍ୟର ଭିନ୍ନକ୍ଷମ ପରିବାରମାନଙ୍କୁ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ବ୍ୟବସ୍ଥା କରାଯାଇଛି । ରାଜ୍ୟରେ ୧୬ଟି ଯୋଜନା ଚାଲୁଛି । ଏହାସହ ୨୦୧୬ ଭିନ୍ନକ୍ଷମ ଅଧିନିୟମ ଅନୁସାରେ ୨୧ବର୍ଷର ଭିନ୍ନକ୍ଷମ ତାଲିକାରେ ଥିବା କୌଣସି ଭିନ୍ନକ୍ଷମଙ୍କ ଯଦି ୟୁଡିଆଇଡି ପ୍ରମାଣପତ୍ର ଅନୁସାରେ ୪୦ ପ୍ରତିଶତ ଭିନ୍ନକ୍ଷମ ହୋଇଥାନ୍ତି ସେମାନଙ୍କୁ ମଧ ସମସ୍ତ ଯୋଜନାର ଲାଭ ମିଳିପାରିବ ।

## ନିଯୁକ୍ତ ହେଲେ ୩୭୭ ପିଜି ଡାକ୍ତର

ଭୁବନେଶ୍ୱର : ୨୦୧୯-୨୨ ବ୍ୟାଚ୍‌ର ୩୭୭ ପିଜି ଡାକ୍ତରଙ୍କୁ ରାଜ୍ୟ ବିଭିନ୍ନ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି ଦିଆଯାଇଛି । ବିଭାଗର ବଣ୍ଟ ଓ ଅନ୍ୟ ସର୍ତ୍ତାବଳୀ ଅନୁସାରେ ସେମାନେ ନିୟୋଜିତ ହୋଇଛନ୍ତି । ଇଏନ୍‌ଟି, ଭେଷଜ, ରେଡିଓଥେରାପି, ନିଶ୍ଚେତକ, ପାଥୋଲୋଜି, ସର୍ଜରି, ରେଡିଓଲୋଜି, ଓ ଏଣ୍ଡ ଜି, ଛାତିରୋଗ, ଶିଶୁରୋଗ, ଚର୍ମରୋଗ, ଫାର୍ମାକୋଲୋଜି, କମ୍ୟୁନିଟି ମେଡିସିନ୍, ଅସ୍ଥିଶଲ୍ୟ, ନେଫ୍ରୋଲୋଜି, ମାଇକ୍ରୋବାଇଓଲୋଜି, ପାଥୋଲୋଜି, ବାଇଓକେମିଷ୍ଟ୍ରି ଭଳି ବିଭାଗରେ ନିଯୁକ୍ତ ହୋଇଛନ୍ତି । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ।

## ଓଏଚ୍‌ପିସିର ସମୀକ୍ଷା ବୈଠକ



ଭୁବନେଶ୍ୱର : ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଓଏଚ୍‌ପିସିର କର୍ପୋରେଟ କାର୍ଯ୍ୟାଳୟରେ ଓଏଚ୍‌ପିସି ଓ ଜିଇଡିସିଓଏଲ୍‌ର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରର୍ରେ ଓଏଚପିସିର ଅଧ୍ୟକ୍ଷ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ (ଏଚଆର) ଡ. ପ୍ରବୋଧ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେସନ) ଆଶିଷ କୁମାର ମହାନ୍ତି, ଜିଇଡିସିଓଏଲ୍‌ର ସିଇଓ ସୁରଜିତ ପଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରସ୍ତାବିତ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପ ଅନ୍ୟାନ୍ୟ କ୍ଷୁଦ୍ର ଓ ମିନି ଜଳ ବିଦ୍ୟୁତ୍ ପ୍ରକଳ୍ପର ଅଗ୍ରଗତି ବିଷୟରେ କମ୍ପାନୀର ଅଧ୍ୟକ୍ଷ ଶ୍ରୀ ସେଠୀ ସୂଚନା ଦେଇଥିଲେ। ଓଡ଼ିଶାରେ ନୂଆ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ କରିବା ଲାଗି ଆବଶ୍ୟକ ସହାୟକ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ନାଲ୍‌କୋରେ ୬୩୩ ବିସ୍ଥାପିତଙ୍କୁ ନିଯୁକ୍ତି

ନୂଆଦିଲ୍ଲୀ: ଓଡ଼ିଶାରେ ନାଲ୍‌କୋ ପ୍ରକଳ୍ପ ଦ୍ୱାରା ୬୩୫ ଜଣ ବିସ୍ଥାପିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୩୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଲୋକସଭାରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି। ନାଲ୍‌କୋ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାର ଦାମନଯୋଡ଼ିରେ ୬୦୦ ଲୋକ ଜମିରୁ ବିସ୍ଥାପିତ ହୋଇଥିବା ବେଳେ ୫୯୯ ଜଣ ମନୋନୀତ ପ୍ରାର୍ଥୀଙ୍କୁ ନାଲ୍‌କୋରେ ନିଯୁକ୍ତି ପ୍ରଦାନ କରାଯାଇଛି। ଗୋଟିଏ ମାମଲାରେ ପରିବାରରେ ବିବାଦ ଥିବାରୁ ମନୋନୀତ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇପାରିନାହିଁ। ଅନୁଗୁଳରେ ୩୫ ଜମି ବିଜ୍ଞାପିତଙ୍କ ମଧ୍ୟରୁ ୩୪ ଜଣଙ୍କୁ ନାଲ୍‌କୋରେ ନିଯୁକ୍ତି ମିଳିଛି। ଗୋଟିଏ ମାମଲାରେ ବିସ୍ଥାପିତ ବ୍ୟକ୍ତି ନିଯୁକ୍ତି ବଦଳରେ ଏକକାଳୀନ ପ୍ରାପ୍ୟ ଗ୍ରହଣ କରିବା ବିକଳ୍ପ ଚୟନ କରିଥିଲେ। ଶ୍ରୀ ଯୋଶୀ ଜଣାଇଛନ୍ତି ଯେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ପ୍ରକଳ୍ପ ପାଇଁ ୧୬,୨୯୭ ବ୍ୟକ୍ତି ବିସ୍ଥାପିତ ହେବେ ବୋଲି ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧,୮୩୭ ଜଣଙ୍କୁ ଥଇଥାନ ସୁବିଧା ଯୋଗାଇ ଦିଆଯାଉଛି। ସେହି ପରିବାରଗୁଡ଼ିକ ମଧ୍ୟରୁ ମାତ୍ର ୮,୨୪୮ ପରିବାର ନିଜ ଗ୍ରାମରୁ ଅନ୍ୟତ୍ର ଯାଇ ବସବାସ କରିଛନ୍ତି। ୩,୪୫୫ ପରିବାରକୁ ପୁନର୍ବାସ ଓ ଥଇଥାନ ସ୍ଥାନରେ ଜମି ପ୍ରଦାନ କରାଯାଇଛି। ଅନ୍ୟ ୮,୩୮୨ଟି ପରିବାରକୁ ଜମି ବଦଳରେ ଟଙ୍କା ଦିଆଯାଇଛି। ବଳକା ପରିବାରଗୁଡ଼ିକର ଥଇଥାନ ବ୍ୟବସ୍ଥା ଜାରି ରହିଛି। ଓଡ଼ିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ଏହି ସୁବିଧା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି।

## ହ୍ୱାଟ୍ସଆପ ବ୍ୟାଙ୍କିଙ୍ଗ୍ ସେବା ଆରମ୍ଭକଲା ଷ୍ଟେଟ୍‌ବ୍ୟାଙ୍କ୍

ମୁମ୍ବାଇ : ଭାରତର ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ହ୍ୱାଟ୍ସଆପ ବ୍ୟାଙ୍କିଙ୍ଗ୍ ସେବା ଆରମ୍ଭ କରିବାକୁ ଘୋଷଣା କରାଯାଇଛି । ଏହି ସେବା ମାଧ୍ୟମରେ ଗ୍ରାହକମାନେ ହ୍ୱାଟ୍ସଆପ ମାଧ୍ୟମରେ କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସେବା, ଯେପରିକି ବାଲାନ୍ସ ଚେକ୍, ମିନି ଷ୍ଟେଟମେଣ୍ଟ ଆଦି ପାଇପାରିବେ । ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ ଟୁଇଟ କରି ଏହି ସେବା ଆରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହି ସେବା ଆରମ୍ଭ ହେବା ପରେ ଗ୍ରାହକମାନଙ୍କୁ ବାଲାନ୍ସ ଚେକ୍ କିମ୍ବା ମିନି ଷ୍ଟେଟମେଣ୍ଟ ପାଇଁ ଆପ୍ ଡାଉନଲୋଡ କିମ୍ବା ଏଟିଏମ ଯିବାକୁ ପଡ଼ିବ ନାହିଁ । ଜୁଲାଇ ୧ରେ ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷ ଦିନେଶ ଖାରା ଏହି ହ୍ୱାଟ୍ସଆପ ସେବା ଆରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରିଥିଲେ । କିନ୍ତୁ କେବେ ଏହି ସେବା ଆରମ୍ଭ ହେବ ସେସମ୍ପର୍କରେ ସେ କୌଣସି ସୂଚନା ଦେଇନଥିଲେ ।

## ଆଦାନୀ ବିଶ୍ୱର ଚତୁର୍ଥ ବଡ଼ ଧନୀ



ନୂଆଦିଲ୍ଲୀ: ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ଚଳିତ ବର୍ଷ ଦୁଇ ଗୁଣା ବୃଦ୍ଧି ଘଟିଛି। ସେ ବିଶ୍ୱର ଚତୁର୍ଥ ବଡ଼ ଧନୀ ଭାବେ ଉଭା ହୋଇଛି। ଫୋର୍ବସ୍ ଧନୀ ତାଲିକାରେ ସେ ମାଇକ୍ରୋସଫ୍ଟର ମୁଖ୍ୟ ବିଲ୍ ଗେଟ୍‌ସଙ୍କୁ ଚତୁର୍ଥ ସ୍ଥାନରୁ ପଦଚ୍ୟୁତ କରିଛନ୍ତି। ବିଲ୍ ଗେଟ୍‌ସ ଦାତବ୍ୟ କାର୍ଯ୍ୟ ପାଇଁ ୨୦୦୦ କୋଟି ଡଲାର ଦାନ କରିବା ପରେ ତାଙ୍କ ସମ୍ପତ୍ତି ହ୍ରାସ ପାଇଛି। ସେ ତାଲିକାର ପଞ୍ଚମ ସ୍ଥାନକୁ ଖସିଆସିଛନ୍ତି। ଆଦାନୀ ଓ ତାଙ୍କ ପରିବାରର ସମ୍ପତ୍ତି ୧୧,୪୦୦ କୋଟି ଡଲାରରୁ ଅଧିକ ଥିବା ବେଳେ ବିଲ୍ ଗେଟ୍‌ସଙ୍କ ସମ୍ପତ୍ତି ପରିମାଣ ୧୦,୨୦୦ କୋଟି ଡଲାରକୁ ଖସିଆସିଛି। ଫୋର୍ବସ୍ ଧନୀ ତାଲିକାରେ ୨୩,୦୦୦ କୋଟି ଡଲାର ସମ୍ପତ୍ତି ସହ ଟେସ୍‌ଲାର ମୁଖ୍ୟ ଏଲନ୍ ମସ୍କ ପ୍ରଥମ ସ୍ଥାନରେ ଥିବା ବେଳେ ଲୁଇ ଭୁଟନ୍‌ର ବର୍ନାର୍ଡ ଆର୍ନଲ୍ଟ ଦ୍ୱିତୀୟ, ଆମାଜନ୍‌ର ଜେଫ୍ ବେଜୋସ୍ ତୃତୀୟ, ଆଦାନୀ ଚତୁର୍ଥ ଓ ବିଲ୍ ଗେଟ୍‌ସ ପଞ୍ଚମ ସ୍ଥାନରେ ରହିଛନ୍ତି। ୮,୮୦୦ କୋଟିରୁ ଅଧିକ ଡଲାରର ସମ୍ପତ୍ତି ସହ ଏହି ତାଲିକାର ଦଶମ ସ୍ଥାନରେ ରହିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ।

## ଆରମ୍ଭ ହେବ ପରବର୍ତ୍ତୀ ପର୍ଯ୍ୟାୟ ବ୍ୟାଙ୍କ ମିଶ୍ରଣ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଦେଶରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକର ପରବର୍ତ୍ତୀ ପର୍ଯ୍ୟାୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିବାକୁ ଯୋଜନା କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକର ମିଶ୍ରଣ ପରବର୍ତ୍ତୀ ଫଳାଫଳ ସମ୍ପର୍କରେ ବିସ୍ତୃତ ଅଧ୍ୟୟନ କରାଯିବା ପରେ ଏ କ୍ଷେତ୍ରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ସରକାର ଭାରତୀୟ ଷ୍ଟେଟବ୍ୟାଙ୍କ ଭଳି ଆଉ ୪-୫ଟି ବୃହତ ଏବଂ ମଜଭୁତ ବ୍ୟାଙ୍କ ସୃଷ୍ଟି କରିବା ଲକ୍ଷ୍ୟ ରଖୁଛନ୍ତି । ସମ୍ପ୍ରତି ଦେଶରେ ୭ଟି ବୃହତ ରାଷ୍ଟ୍ରାୟତ ବ୍ୟାଙ୍କ ଏବଂ ୫ଟି କ୍ଷୁଦ୍ର ବ୍ୟାଙ୍କ ରହିଛି । ସରକାର ବ୍ୟାଙ୍କଗୁଡିକ ସହିତ ଆଲୋଚନା କରି ସେମାନଙ୍କ ନିକଟରୁ ଚଳିତ ମାସ ଶେଷସୁଦ୍ଧା ରିପୋର୍ଟ ମାଗିଛନ୍ତି । ଏହାପରେ ଇଣ୍ଡିଆନ ବ୍ୟାଙ୍କ୍ ଆସୋସିଏସନ (ଆଇବିଏ) ଏବଂ ଅନ୍ୟ ସହଭାଗୀଙ୍କ ସହିତ ବିସ୍ତୃତ ଆଲୋଚନା କରାଯିବା ପରେ ଭବିଷ୍ୟତ ରଣକୌଶଳ ନିର୍ଦ୍ଧାରଣ କରାଯିବ ବୋଲି ନିଜ ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି । ପୂର୍ବରୁ ୨୦୧୯ରେ ସରକାର ୧୦ଟି ରାଷ୍ଟ୍ରାୟତ ବ୍ୟାଙ୍କକୁ ମିଶାଇ ୪ଟି ବୃହତ ବ୍ୟାଙ୍କରେ ପରିଣତ କରିବାକୁ ଘୋଷଣା କରିଥିଲେ । ୨୦୧୭ରେ ଦେଶରେ ୨୭ଟି ରାଷ୍ଟ୍ରାୟତ ବ୍ୟାଙ୍କ ଥିବାବେଳେ ୨୦୧୯ରେ ସରକାରଙ୍କ ନିଷ୍ପତ୍ତି ପରେ ଏହି ସଂଖ୍ୟା ୧୨କୁ ହ୍ରାସ ପାଇଥିଲା ।

# ସବୁ ପଞ୍ଚାୟତରେ ନାହିଁ ବ୍ୟାଙ୍କ

## ରାଜ୍ୟରେ ୫୬୦୭ ବ୍ୟାଙ୍କ ଶାଖା ଓ ୭୪୬୧ ଏଟିଏମ୍

ଭୁବନେଶ୍ୱର : ରାଜ୍ୟର ସମସ୍ତ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏବେ ରାଜ୍ୟରେ ୫ ହଜାର ୬୦୭ଟି ବ୍ୟାଙ୍କ ଶାଖା ରହିଛି। ସେଥିମଧ୍ୟରୁ ୩୦୨୨ଟି ସରକାରୀ, ୯୯୮ଟି ଘରୋଇ, ୯୮୨ଟି ଆଞ୍ଚଳିକ ଗ୍ରାମୀଣ, ୨୫୭ଟି କ୍ଷୁଦ୍ର ଫାଇନାନ୍ସ ଓ ୩୪୮ଟି ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଶାଖା ଉପଲବ୍ଧ ଅଛି। ୧୭ ହଜାର ୧୨୭ଟି ବିଜନେସ୍ କରେସ୍‌ପଣ୍ଡେଣ୍ଟ(ବିସି) ଓ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି) ରହିଛି। ସେଥିମଧ୍ୟରେ ସରକାରୀ ବ୍ୟାଙ୍କର ୯୯୫୩, ଘରୋଇ ବ୍ୟାଙ୍କର ୫୩୦୮, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ୧୮୧୩ ଓ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କର ୫୩ଟି ରହିଛି। ସହରାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୭୪୬୧ଟି ଏଟିଏମ୍ କାର୍ଯ୍ୟ କରୁଛି। ସେଥିରୁ ସରକାରୀ ବ୍ୟାଙ୍କର ୫୫୯୩, ଘରୋଇର ୧୫୮୭, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ୧୩୨, କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କର ୨୩ଟି ଓ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ୧୨୬ଟି ଏଟିଏମ୍ କାର୍ଯ୍ୟ କରୁଥିବା ନେଇ ବିଧାୟକ ରମେଶ ଚନ୍ଦ୍ର



ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଗତ ଜୁନ୍ ମାସ ସୁଦ୍ଧା ରାଜ୍ୟରେ ମୋଟ ୭ କୋଟି ୧୦ ଲକ୍ଷ ୧୯ ହଜାର ୮୮୪ଟି ବ୍ୟାଙ୍କ ଖାତା ଓ ଡାକଘର ପାସ୍ ବହି ରହିଛି। ଜୁନ୍ ୩୦ ସୁଦ୍ଧା ୧ କୋଟି ୮୯ ଲକ୍ଷ ୭୭ ହଜାର ୯୭୨ଟି ଜନଧନ ଆକାଉଣ୍ଟ ଅଛି। ରାଜ୍ୟର ସବୁ ଲୋକଙ୍କର ଯେପରି ବ୍ୟାଙ୍କ ଆକାଉଣ୍ଟ ବା ଜନଧନ ଆକାଉଣ୍ଟ, ଡାକଘର ପାସ୍ ବହି ରହିବ, ସେ ଦିଗରେ ରାଜ୍ୟ ସରକାର ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ଲାଗି ରାଜ୍ୟର ପ୍ରତି ବ୍ୟାଙ୍କ ଶାଖା ସାପ୍ତାହିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଆୟୋଜନ କରୁଛନ୍ତି। ଏହାବ୍ୟତୀତ ୧୩୬ଟି ଆର୍ଥିକ ସାକ୍ଷରତା କେନ୍ଦ୍ର ପରିଚାଳନା କରୁଛି। ଓଡ଼ିଶା ସମବାୟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହାୟତାରେ ନାବାର୍ଡ ରାଜ୍ୟରେ ୫୨ଟି ଆର୍ଥିକ ସାକ୍ଷରତା କେନ୍ଦ୍ର ପ୍ରତିଷ୍ଠା କରିଛି।

## ୬୪% ବ୍ୟାଙ୍କ କର୍ମଚାରୀ ମାଂସପେଶୀ ଓ ମେରୁଦଣ୍ଡ ସମସ୍ୟା ଦେଇ ଗତି କରୁଛନ୍ତି : ସର୍ଭେ



ଭୁବନେଶ୍ୱର: ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ 'ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁସ୍ଥତା' ସଂପର୍କିତ ଏକ ଅଧ୍ୟୟନର ନିର୍ଯ୍ୟାସକୁ ପ୍ରକାଶ କରାଯାଇଛି। ଉଲ୍ଲେଖ କରାଯାଇଛି ଯେ ବ୍ୟାଙ୍କର କର୍ମଚାରୀମାନେ ଲମ୍ବା ସମୟ ପର୍ଯ୍ୟନ୍ତ ସ୍କ୍ରିନକୁ ଦେଖି କାମ କରିବା, ଅଧିକାଂଶ ସମୟ ତଥ୍ୟ ଉପରେ ନଜର ରଖିବା, ଅନଲାଇନ୍ ଗ୍ରାହକ ପ୍ରଶ୍ନର ଉତ୍ତର ଦେବା ଏବଂ ବ୍ୟବସ୍ଥାକୁ ଅପଡେଟ ରଖିବାରେ ସମୟ ବିତାଇଥାନ୍ତି ଯାହା ଉଭୟ ଶାରିରୀକ ଓ ମାନସିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଚାପ ପ୍ରଦାନକାରୀ । ଅଧ୍ୟୟନରୁ ଏହା ଜଣାପଡ଼ିଛି ଯେ କଲ୍ୟାଣର ଗୁରୁତ୍ୱକୁ ସବୁ ବ୍ୟାଙ୍କ ଜାଣିବାକୁ ପ୍ରୟାସ କରନ୍ତି ନାହିଁ ଏବଂ ସୁସ୍ଥକର କାମ ପରିବେଶ ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ସମ୍ବଳ ନାହିଁ । ଏହି ଅଧ୍ୟୟନରେ ଉଭୟ ଘରୋଇ ଓ ସରକାରୀ ବ୍ୟାଙ୍କରେ କାମ କରୁଥିବା ମୋଟ ୨୫୦ ବ୍ୟାଙ୍କର ଅଂଶଗ୍ରହଣ କରିଥିଲେ । କାମ କରିବାର ସଠିକ୍ ବସିବା ଢାଞ୍ଚା, କର୍ମ ଡେସ୍କର ଆକାର ଏବଂ ସାମଗ୍ରିକ କଲ୍ୟାଣ ବିଷୟରେ କର୍ମଚାରୀମାନେ କେତେ ସଚେତନ ତାହା ଜାଣିବା ଲାଗି ଏହି ସର୍ଭେ କରାଯାଇଥିଲା । ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଧିକାଂଶ ବ୍ୟାଙ୍କରେ ଏର୍ଗୋନୋକିକ୍ ଭିତିଭୂମି ନାହିଁ ଯେଉଁଥି ପାଇଁ ଲମ୍ବା ସମୟ କାମ କରୁଥିବା ବ୍ୟାଙ୍କ କର୍ମଚାରୀମାନଙ୍କ ଠାରେ ସମସ୍ୟା ଦେଖାଦେଉଛି । ବ୍ୟାଙ୍କରେ ଥିବା ୪୯ ପ୍ରତିଶତ ଚୌକିରେ ଆର୍ମରେଷ୍ଟ ନାହିଁ ଏବଂ ୪୧% ଚୌକିରେ ବ୍ୟାକ୍ ରିକ୍ଲାଇନର୍ ନାହିଁ। ୨୬ ବର୍ଷରୁ ଅଧିକ ବୟସର କର୍ମଚାରୀମାନଙ୍କଠାରେ ଅଧିକ ସମସ୍ୟା ଦେଖାଦେଉଛି । ବୟସ ବଢ଼ିବା ସହ ସମସ୍ୟା ବଢୁଛି ।

## ବ୍ୟାଙ୍କ ଅଫ ବରୋଦାର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର: ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କର କାର୍ଯ୍ୟାଳୟ ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିବା ସହ ଭୁବନେଶ୍ୱରସ୍ଥିତ ଡମଣା ସ୍କୋୟାରଠାରେ ଥିବା ମା ଆନନ୍ଦ ଆଶ୍ରମକୁ ବୁକ ସେଲ୍ଫ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ଏକ ସଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍ ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ରାଜୀବ କ୍ରିଷ୍ଣା ବ୍ୟାଙ୍କ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯାଳୟର ବରିଷ୍ଠ ଅଧିକାରୀ ମାନସ ମହାରଣାଙ୍କ ସମେତ ସମସ୍ତ କର୍ମଚାରୀଗଣ ଉପସ୍ଥିତ ଥିଲେ।

ସେହିପରି ବ୍ୟାଙ୍କ ଅଫ୍ ବରୋଦାର ୧୧୫ତମ ପ୍ରତିଷ୍ଠା ଦିବସ ଓଡ଼ିଶା ଗୃହ ନିର୍ମାଣ ଭବନ କମ୍ପ୍ଲେକ୍ସ ପରିସରରେ ପାଳିତ ହୋଇଯାଇଛି। ଓଡ଼ିଶା ଗୃହ ନିର୍ମାଣ ଭବନ କମ୍ପ୍ଲେକ୍ସ ଶାଖାର ମୁଖ୍ୟ ବାବାଜୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ସାହାଣୀ ଯୋଗ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ଶାଖାର ଶ୍ରେଷ୍ଠ ଗ୍ରାହକ ନିଶାକର ସ୍ୱାଇଁ, ସଞ୍ଜୟ କୁମାର ମହରାଜ ଓ ପୀୟୂଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏମବିଏସ୍ ପବ୍ଲିକ୍ ସ୍କୁଲକୁ ୩୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇ ଥିବା ବେଳେ ନିଶାକର ସ୍ୱାଇଁ ସ୍ୱଇଚ୍ଛାରେ ଆଉ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବ୍ୟାଙ୍କ୍ ଅଧିକାରୀ ପୁଣ୍ୟଶ୍ଳୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ'




ଭୁବନେଶ୍ୱର: ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ପୂର୍ବ ତଟ ରେଳପଥ ପକ୍ଷରୁ 'ଆଜାଦୀ କି ରେଳ ଗାଡି ଔର ଷ୍ଟେସନ' ସପ୍ତାହ ପାଳନ କରାଯାଉଅଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ରେଳପଥ ପକ୍ଷରୁ ହାତକୁ ନିଆଯାଇଅଛି । ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ସ୍ୱାଧୀନତା ସଂଗ୍ରାମର ବିଶାଳ ଐତିହାସିକ ପାଇକ ବିଦ୍ରୋହ ଏବଂ ଖୋର୍ଦ୍ଧା ଅଞ୍ଚଳର ଇତିହାସକୁ ମଣ୍ଡନ କରୁଥିବା ଏକ ପ୍ରଦର୍ଶନୀକୁ ଶ୍ରୀ ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିବା ବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ସ୍ୱେଚ୍ଛାସେବୀମାନେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ସମଗ୍ର ଦେଶରେ ମନୋନୀତ ଷ୍ଟେସନ୍ ଗୁଡିକ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ପାଞ୍ଚଟି ଷ୍ଟେସନ୍ ମନୋନୀତ ହୋଇଛି। ସମସ୍ତ ମନୋନୀତ ଷ୍ଟେସନଗୁଡିକୁ ସପ୍ତାହ ବ୍ୟାପି ରଙ୍ଗୀନ ଆଲୋକରେ ସୁସଜ୍ଜିତ କରାଯାଇ ଆଲୋକିକରଣ କରାଯିବ । ଏହି ସମୟ ମଧ୍ୟରେ ଐତିହାସିକ ବିଷୟବସ୍ତୁକୁ ଆଧାର କରି ଷ୍ଟେସନ ମାନଙ୍କ ଠାରେ ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ସ୍ମରଣୀୟ 'ଆଜାଦୀ କି ରେଳ ଗାଡି ଔର ଷ୍ଟେସନ' ସପ୍ତାହ ଉତ୍ସବକୁ ପାଳନ କରିବା ପାଇଁ ଉପରୋକ୍ତ ଷ୍ଟେସନରେ ଦେଶଭକ୍ତି ଗୀତ, ସ୍ଥାନୀୟ ଭାଷାରେ ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରାଯିବ। ଷ୍ଟେସନ୍ ସମ୍ବନ୍ଧରେ କିମ୍ବା ଷ୍ଟେସନର ଇତିହାସ ସମ୍ବନ୍ଧରେ ସ୍ୱତନ୍ତ୍ର ବ୍ରାଣ୍ଡିଂ କରାଯିବ । ପୂର୍ବତଟ ରେଳପଥ ମଧ୍ୟରେ ମନୋନୀତ ଷ୍ଟେସନଗୁଡିକ ହେଉଛି ଖୋର୍ଦ୍ଧା ରୋଡ୍, କଟକ, ସାକ୍ଷୀଗୋପାଳ, ସମ୍ବଲପୁର ଏବଂ ବିଶାଖାପାଟନମ୍। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରୟ, ରେଳପଥର ପ୍ରମୁଖ କାର୍ମୀକ ଅଧିକାରୀ ତୁଷାର କାନ୍ତି ମଣ୍ଡଳ, ପ୍ରମୁଖ ଯନ୍ତ୍ରୀ ଏନ. ଏସ. ଉଇକେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

## ଏସ୍‌ବିଆଇକୁ ୧୪ ହଜାର କୋଟି ଟଙ୍କାର ଋଣ ମାଗିଲା ଆଦାନୀ ଗ୍ରୁପ

ଅହମ୍ମଦାବାଦ: ଗୁଜୁରାଟର ମୁନ୍ଦ୍ରା ଠାରେ ଏକ ନୂତନ କାରଖାନା ନିର୍ମାଣ ପାଇଁ ଗୌତମ ଆଦାନୀଙ୍କ ଗ୍ରୁପ ଏସବିଆଇକୁ ମାଗିଲା ଋଣ। ଏହି କାରଖାନା ନିର୍ମାଣ ପାଇଁ ଆଦାନୀ ଗ୍ରୁପକୁ ୧୪,୦୦୦ କୋଟି ଟଙ୍କା ଋଣ ପାଇଁ ଆବେଦନ କରିଛି । ଏଥିପାଇଁ ଆଦାନୀ ଗ୍ରୁପ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସହ ଯୋଗାଯୋଗ କରିଛି । ଆଦାନୀ ଗ୍ରୁପର ଏହି ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୧୯,୦୦୦ କୋଟି ଟଙ୍କା ହୋଇଥିବାବେଳେ ୧୫ ବର୍ଷର ଋଣ ନେବା ପାଇଁ ପ୍ରସ୍ତାବ ଦିଆଯାଇଛି । ସୂତ୍ରରୁ ପ୍ରକାଶ ଯେ ଏସବିଆଇ ଋଣ ରାଶିର ପ୍ରାୟ ୫୦୦୦ କୋଟି ଟଙ୍କା ନିଜ ପାଖେ ରଖିବ । ଆଦାନୀ ଗ୍ରୁପର ସୂଚନା ମୁତାବକ ମୁନ୍ଦ୍ରାଠାରେ ଏକ ପେଟ୍ରୋକେମିକାଲ୍ କ୍ଲଷ୍ଟର ବିକାଶ ପାଇଁ ଏହି ଋଣ ପାଇଁ ଆବେଦନ କରାଯାଇଛି । ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୨,୦୦୦ କିଲୋ ଟନ୍ ରହିବ ଏବଂ ଏମୁଲେସନ ପିଭିସି, ସସପେନ୍ସନ୍ ପିଭିସି ଏବଂ କ୍ଲୋରାଇଟେଡ୍ ପିଭିସି ପରି ଉତ୍ପାଦ ଉତ୍ପାଦନ କରିବ । କମ୍ପାନୀ ୨୦୨୧-୨୨ ପାଇଁ ବାର୍ଷିକ ରିପୋର୍ଟରେ କହିଥିଲା ଯେ ମୁନ୍ଦ୍ରାଠାରେ ମୋଟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ପିଭିସିର କ୍ଷମତା ପର୍ଯ୍ୟାୟକ୍ରମେ ବିକଶିତ ହେବ। ୨,୦୦୦ କିଲୋ ଟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟରେ ଶେଷ ହେବ ଏବଂ ୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ସୂଚନା ମୁତାବକ ଚଳିତ ବର୍ଷ ମାର୍ଚ୍ଚରେ ଆଦାନୀ ଗ୍ରୁପ୍ ନଭି ମୁମ୍ବାଇରେ ଏକ ଗ୍ରୀନ୍ ଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ ପାଇଁ ଏସବିଆଇରୁ ୧୨,୭୭୦ କୋଟି ଟଙ୍କା ଋଣ ମଧ୍ୟ ପାଇଥିଲା। ଏହି ଋଣ ଆଦାନୀ ଗ୍ରୁପର ଅନ୍ୟ ଏକ ସହାୟକ କମ୍ପାନୀ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରାଇଭେଟ ଲିମିଟେଡ ଦ୍ୱାରା ନିଆଯାଇଛି।

## ବିଏସ୍‌ଏନ୍‌ଏଲ୍ ପୁନରୁଦ୍ଧାର: ୧.୬୪ ଲକ୍ଷ କୋଟି ପ୍ୟାକେଜ୍

ନୂଆଦିଲ୍ଲୀ: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସରକାରୀ ଟେଲିକମ୍ କଂପାନି ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପୁନରୁଦ୍ଧାର ପାଇଁ ପ୍ରସ୍ତୁତ କରାଯାଇଥିବା ୧.୬୪ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି ପୁନରୁଦ୍ଧାର ଯୋଜନା କାର୍ଯ୍ୟକାରୀ ହେଲେ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ବିଏସଏନଏଲରେ ପରିବର୍ତ୍ତନ ଆସିବ ଏବଂ ଏହି ସଂସ୍ଥା ଲାଭ କରିବାକୁ ସକ୍ଷମ ହୋଇପାରିବ ବୋଲି ଆଶା କରାଯାଉଛି। ଭାରତ ବ୍ରଡ୍‌ବ୍ୟାଣ୍ଡ୍ ନିଗମ ଲିମିଟେଡ୍ (ବିବିଏନ୍‌ଏଲ୍) ସହିତ ବିଏସ୍‌ଏନ୍‌ଏଲ୍ ମିଶ୍ରଣକୁ ମଧ୍ୟ ମଞ୍ଜୁରି ପ୍ରଦାନ କରାଯାଇଛି। ଭାରତ ନେଟ ଅଧୀନରେ ନିର୍ମାଣ କରାଯାଇଥିବା ଭିତ୍ତିଭୂମିକୁ ଜାତୀୟ ସମ୍ପତ୍ତି ଭାବେ ବିବେଚନା କରାଯିବା। ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କଂପାନି ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ୟାକେଜ୍‌ରେ ୪୪ ହଜାର କୋଟି ଟଙ୍କା ନଗଦ ପାଣ୍ଠି ହୋଇଥିବା ବେଳେ ବଳକା ୧.୨୦ ଲକ୍ଷ କୋଟି ଟଙ୍କା ହେଉଛି ଅଣ-ପାଣ୍ଠିର ସୁବିଧା ସୁଯୋଗ। ସେବାରେ ଉନ୍ନତି, ୪ଜି ସେବା ଆରମ୍ଭ କରିବା ୯୦୦/୧୦୦ ମେଗାହର୍ଟ ସ୍ପେକ୍ଟ୍ରମ୍ ଆବଣ୍ଟନ ପାଇଁ କଂପାନିକୁ ୪୪,୯୯୩ କୋଟି ଟଙ୍କାର ଇକ୍ୱିଟି ପାଣ୍ଠି ଦିଆଯିବ। ଆତ୍ମନିର୍ଭର ୪ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କଂପାନିକୁ ୪ ବର୍ଷରେ ୨୨,୪୭୧ କୋଟି ଟଙ୍କା ଦିଆଯିବ। ଆବଶ୍ୟକ ବାଣିଜ୍ୟିକ ସାଧନର ଅଭାବ ସତ୍ତ୍ୱେ ସରକାରଙ୍କ ସାମାଜିକ ଲକ୍ଷ୍ୟ ପୂରଣ କରିବା ଲାଗି ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଲ୍ୟାଣ୍ଡ୍‌ଲାଇନ୍ ସେବା ପ୍ରଦାନ କରାଯାଉଛି। ୨୦୧୪-୧୫ରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କଂପାନି ପ୍ରଦାନ କରିଥିବା ଲ୍ୟାଣ୍ଡ୍‌ଲାଇନ୍ ସେବାରେ ଯେଉଁ ପାଣ୍ଠିର ଅଭାବ ଦେଖାଦେଇଥିଲା ସେ ବାବଦରେ ସରକାର କଂପାନିକୁ ୧୩,୭୮୯ କୋଟି ଟଙ୍କା ଦେବେ। ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ (ଏଜିଆର) ବକେୟା, ପୁଞ୍ଜି ବ୍ୟୟ ବ୍ୟବସ୍ଥା ଏବଂ ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ବିଏସ୍‌ଏନ୍‌ଏଲ୍‌ର ପୁଞ୍ଜିକୁ ୪୦,୦୦୦ କୋଟି ଟଙ୍କାରୁ ବଢ଼ାଇ ୧,୫୦,୦୦୦ କୋଟି ଟଙ୍କା କରାଯିବ। ବିଏସ୍‌ଏନ୍‌ଏଲ୍‌କୁ ଆର୍ଥିକ ସ୍ତରରେ ଦୃଢ଼ କରିବା ଲାଗି ସରକାର ସୋଭରେନ୍ ଗ୍ୟାରେଣ୍ଟି ପ୍ରଦାନ କରିବେ। କଂପାନି ୪୦,୩୯୯ କୋଟି ଟଙ୍କାର ଦୀର୍ଘ ମିଆଦୀ ବଣ୍ଡ୍ ହାସଲ କରିପାରିବ। କଂପାନିର ୩୩,୪୦୪ କୋଟି ଟଙ୍କାର ଏଜିଆର ବକେୟାକୁ ସରକାର ପରିଶୋଧ କରିବେ। ବିଏସଏନଏଲ ପକ୍ଷରୁ ସରକାରଙ୍କୁ ୭,୫୦୦ କୋଟି ଟଙ୍କାର ଅଂଶଧନ ପୁନଃ ଜାରି କରାଯିବ।



# ନୀରଜଙ୍କୁ ଐତିହାସିକ ରୌପ୍ୟ

## ବିଶ୍ୱ ଦୌଡ଼କୁଦରେ ପ୍ରଥମ ଭାରତୀୟ



ୟୁଜିନ : ଭାରତୀୟ ଦୌଡ଼କୁଦ ଜଗତର ସୁପ୍ରସିଦ୍ଧ ନାୟକ ନୀରଜ ଚୋପ୍ରା ପୁଣି ଥରେ ଐତିହାସିକ ସଫଳତା ହାସଲ କରିଛନ୍ତି। ଆମେରିକାର ୟୁଜିନଠାରେ ଆୟୋଜିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ଭାବେ ସେ ରୌପ୍ୟ ପଦକ ଜିତିଛନ୍ତି। ନୀରଜ ଏହି ବିରଳ ସଫଳତା ପୁରୁଷ ଜାଭଲିନରୁ ହାସଲ କରିଛନ୍ତି। ୨୦୦୩ରେ ଅଞ୍ଜୁ ବବି ଜର୍ଜ ମହିଳା ଲମ୍ଫଡିଆଁରେ କାଂସ୍ୟ ପଦକ (ପ୍ୟାରିସ୍, ଫ୍ରାନ୍ସ) ଜିତିବା ପରେ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି ନୀରଜ। ଦୀର୍ଘ ୧୯ ବର୍ଷ ପରେ କୌଣସି ଭାରତୀୟ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ପଦକ ଜିତିବା ପରେ ସମଗ୍ର ଦେଶରେ ଖୁସିର ଲହରି ଖେଳିଯାଇଛି। ୨୪ ବର୍ଷୀୟ ନୀରଜ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଟୋକିଓ ଅଲିମ୍ପିକ୍ସରେ ଭାରତର ସୁନାମ ରଖିଥିଲା ବେଳେ ଏବେ ବିଶ୍ୱ ଦୌଡ଼କୁଦରୁ ବି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଅତୁଳନୀୟ ସଫଳତା ଲାଗି ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ଦେଶର ବହୁ କ୍ରୀଡ଼ା କିଂବଦନ୍ତି, ଅଭିନେତା, ଅଭିନେତ୍ରୀ ତଥା ରାଜନେତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯେତେବେଳେ ସମଗ୍ର ଦେଶ ଏକ ନୂଆ ଦିନକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହେଉଥିଲା ସେତେବେଳେ ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ବିଜେତା ନୀରଜ ସୁଦୂର ଆମେରିକାରେ ଇତିହାସ ରଚିବାରେ ବ୍ୟସ୍ତ ଥିଲେ। ପ୍ରଥମ ଥର ପାଇଁ ବିଶ୍ୱ ଦୌଡ଼କୁଦର ଫାଇନାଲ୍‌ରେ ପ୍ରବେଶ କରିବାର ଉତ୍ସାହ ଓ ଉଲ୍ଲାସ ଭିତରେ କିନ୍ତୁ ନିଜ ପ୍ରଥମ ଥ୍ରୋ'ରେ ଅଯୋଗ୍ୟ ଘୋଷିତ ହୋଇଥିଲେ। ଅସାବଧାନତା ଭାବେ ସ୍କ୍ରାଚ୍ ଲାଇନ୍‌କୁ ଅତିକ୍ରମ କରିବାରୁ ତାଙ୍କ ଥ୍ରୋ'କୁ ଅବୈଧ ଘୋଷଣା କରାଯାଇଥିଲା। ଦ୍ୱିତୀୟ ପ୍ରୟାସର ବୈଧ ଥ୍ରୋ'କୁ ୮୨.୩୯ ମିଟର ଦୂରତାକୁ ଫିଙ୍ଗିଥିଲେ ସେ। ହେଲେ ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ଢେର ଖରାପ ଥିଲା। ତୃତୀୟ ପ୍ରୟାସ (୮୬.୩୭ ମିଟର) ପରେ ମଧ୍ୟ ଦ୍ୱାଦଶ ସ୍ଥାନରେ ଥିଲେ ଏହି ହରିୟାଣା ହିରୋ। ଫଳରେ ପଦକଠାରୁ ବହୁ ଦୂରରେ ରହିଥିଲେ। ଶେଷରେ ନିଜର ସବୁ ଶକ୍ତି ଖଟାଇ ଚତୁର୍ଥ ଥ୍ରୋ'ରେ ୮୮.୧୩ ମିଟର ଦୂରତା ଛୁଇଁ ଦ୍ୱାଦଶରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଥିଲେ। ନିଜ ଶେଷ ଦୁଇ ଥ୍ରୋ'ରେ ସେତେଟା ସଫଳତା ନପାଇବା ପରେ ଚତୁର୍ଥ ଥ୍ରୋ' ବଳରେ ହିଁ ରୌପ୍ୟ ପଦକ ବିଜୟୀ ହୋଇଥିଲେ ରାଜ୍ୟଗୋଷ୍ଠୀ ଓ ଏସୀୟ କ୍ରୀଡ଼ା ଚାମ୍ପିଅନ୍ ନୀରଜ। ତେବେ ନରୱେର ଟ୍ରାକ୍ ଆଣ୍ଡ ଫିଲ୍ଡ କିବଂଦନ୍ତି ଆଣ୍ଡ୍ରିଆସ୍ ଥରକିଲ୍ଡସେନ୍‌ଙ୍କ ପରେ ଉଭୟ ଅଲିମ୍ପିକ୍ସ ଓ ବିଶ୍ୱ ଦୌଡ଼କୁଦରେ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ହାତଛଡ଼ା କରିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ୮୮.୧୯ ମିଟରର ଶ୍ରେଷ୍ଠ ଥ୍ରୋ' ବଳରେ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ ନୀରଜ। ଅନ୍ୟପକ୍ଷରେ ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ ୯୦.୫୪ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ କରାୟତ୍ତ କରି ନେଇଥିଲେ।

# କ୍ରୀଡ଼ାରେ ଏକଜୁଟ ହେବାର ଅନ୍ତର୍ନିହିତ ଶକ୍ତି ଅଛି: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚେନ୍ନାଇର ଜେଏଲ୍ଏନ୍ ଇନଡୋର ଷ୍ଟାଡିୟମରେ ୪୪ତମ ଚେସ୍ ଅଲିମ୍ପିଆଡ୍ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ତାମିଲନାଡୁର ରାଜ୍ୟପାଳ ଆର ଏନ ରବି, ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, କେନ୍ଦ୍ର ମନ୍ତ୍ରୀ ଅନୁରାଗ ସିଂହ ଠାକୁର, ଆର ମୁରୁଗନ ଏବଂ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଏଫ୍ଆଇଡିଇ)ର ସଭାପତି ମଧ୍ୟ ଉପସ୍ଥିତ ଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସମଗ୍ର ଭାରତ ଏବଂ ବିଶ୍ୱରୁ ଆସିଥିବା ସମସ୍ତ ଖେଳାଳି ଏବଂ ଚେସ୍‌ପ୍ରେମୀଙ୍କୁ ସ୍ୱାଗତ କରିଥିଲେ। ସେ 'ଆଜାଦୀ କା ଅମୃତ ମହୋତ୍ସବ" ସମୟରେ ପଡୁଥିବାରୁ ଘଟଣାର ମହତ୍ୱ ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚେସ୍‌ରେ ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ଚେସର ଘର ଭାରତକୁ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କ୍ରୀଡ଼ା ସୁନ୍ଦର, କାରଣ ଏଥିରେ ଏକଜୁଟ ହେବାର ଅନ୍ତର୍ନିହିତ ଶକ୍ତି ଅଛି। କ୍ରୀଡ଼ା ବ୍ୟକ୍ତି ଏବଂ ସମାଜକୁ ନିକଟତର କରିଥାଏ। କ୍ରୀଡ଼ା ଦଳଗତ କାର୍ଯ୍ୟର ଏକ ଆବେଗର ପ୍ରତିପୋଷଣ କରେ। ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ବର୍ତ୍ତମାନ ଭଳି ଭାରତରେ କ୍ରୀଡା ପାଇଁ ଭଲ ସମୟ କେବେ ହୋଇ ନାହିଁ। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ ଏବଂ ବଧିର ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଆମେ ଗୌରବ ହାସଲ କରିଥିଲୁ ଯେଉଁଠାରେ ଆମେ ପୂର୍ବରୁ ଜିତି ନଥିଲୁ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରଣର ସମ୍ପୂର୍ଣ୍ଣ ମିଶ୍ରଣ ହେତୁ ଭାରତର ଖେଳ ସଂସ୍କୃତି ଅଧିକ ଶକ୍ତିଶାଳୀ ହେଉଛି। ଯୁବକମାନଙ୍କର ଶକ୍ତି ଏବଂ ସକ୍ଷମ ପରିବେଶ। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ କ୍ରୀଡ଼ାରେ ପରାଜୟ ନାହିଁ। ବିଜେତା ଏବଂ ଭବିଷ୍ୟତର ବିଜେତା ମଧ୍ୟ ଅଛନ୍ତି। ସେ ୪୪ ତମ ଚେସ ଅଲିମ୍ପିଆଡରେ ସମସ୍ତ ଦଳ ଏବଂ ଖେଳାଳିଙ୍କ ସଫଳତା କାମନା କରିଥିଲେ।ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୪୪ତମ ଚେସ୍ ଅଲିମ୍ପିଆଡ୍ ଅନେକ ପ୍ରଥମ ଏବଂ ରେକର୍ଡର ଏକ ପ୍ରତିଯୋଗିତା ହୋଇଛି। ଚେସ୍ ଅଲିମ୍ପିଆଡ୍ ପ୍ରଥମ ଥର ପାଇଁ ଭାରତର ଚେସ୍ ଉତ୍ପତ୍ତି ସ୍ଥାନରେ ଅନୁଷ୍ଠିତ ହେଉଛି। ୩ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ଥର ପାଇଁ ଏସିଆକୁ ଆସିଛି। ଏଥିରେ ସର୍ବାଧିକ ଦେଶ ଓ ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ମହିଳା ବିଭାଗରେ ସର୍ବାଧିକ ସଂଖ୍ୟକ ଯୋଗଦାନ ରହିଛି। ଚେସ୍ ଅଲିମ୍ପିଆଡ଼ର ପ୍ରଥମ ଥର ମଶାଲ ରିଲେ ଏଥର ଆରମ୍ଭ ହୋଇଥିବା ସେ କହିଛନ୍ତି। ଚେସ ସହିତ ତାମିଲନାଡୁର ଦୃଢ ଐତିହାସିକ ସମ୍ପର୍କ ରହିଛି ବୋଲି ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି। ଏହି କାରଣରୁ ଏହା ଭାରତ ପାଇଁ ଏକ ଚେସ୍ ପାୱାରହାଉସ୍। ଏହା ଭାରତର ଅନେକ ଚେସ୍ ଗ୍ରାଣ୍ଡମାଷ୍ଟର ସୃଷ୍ଟି କରିଛି। ଏହା ସର୍ବଶ୍ରେଷ୍ଠ ମନୋଭାବ, ଜୀବନ୍ତ ସଂସ୍କୃତି ଏବଂ ଦୁନିଆର ସର୍ବ ପୁରାତନ ଭାଷା ତାମିଲର ଘର ଅଟେ।

# ଚେସ ଅଲିମ୍ପିଆଡରେ ସାମିଲ ହେଲେ ତୁଷାରକାନ୍ତି



ଭୁବନେଶ୍ୱର: କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଚେନ୍ନାଇର ମହାବଳୀପୁରମରେ ଆରମ୍ଭ ହୋଇଥିବା ୪୪ତମ ଚେସ ଅଲିମ୍ପିଆଡ ଉତ୍ସବରେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭକାମନା ଜଣାଇଛନ୍ତି। ତାମିଲନାଡୁ ସରକାରଙ୍କ ନିମନ୍ତ୍ରଣକ୍ରମେ ସେଠାକୁ ଗସ୍ତକରି କ୍ରୀଡ଼ାମନ୍ତ୍ରୀ ଶ୍ରୀ ବେହେରା ଚେନ୍ନାଇ ସ୍ଥିତ ଜବାହରଲାଲ ନେହରୁ ଇନ୍ ?ଡୋର ଷ୍ଟାଡିୟମରେ ଉଦ୍ ?ଘାଟନ ଉତ୍ସବରେ ଯୋଗଦେଇଥିଲେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିବା ସହ ସେଠାକାର ପ୍ରତିଯୋଗିତାରେ ବନ୍ଦୋବସ୍ତ ବ୍ୟବସ୍ଥା, ପରିଚାଳନା ଶୈଳୀ ଏବଂ ପ୍ରଚାର ପ୍ରସାରକୁ ଅନୁଧ୍ୟାନ କରିଥିଲେ। ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଶିଭା ଭି. ମ୍ୟୋନାଥନ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅନେକ ଅନ୍ତର୍ଜାତୀୟ କ୍ରୀଡା ଏଭେଣ୍ଟ ଆୟୋଜନ ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡିଶା ଯେଉଁ ପଦକ୍ଷେପମାନ ଗ୍ରହଣ କରିଛି ସେଥିପାଇଁ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଖେଳାଳିମାନଙ୍କୁ ଶୁଭକାମନା ଜଣାଇବା ସହ ସର୍ବଭାରତୀୟ ଚେସ ମହାସଂଘ ସଭାପତି ଡ. ସଞ୍ଜୟ କପୁର, ଉପସଭାପତି ଭବେଶ ପଟେଲ, ସମ୍ପାଦକ ଭରତ ସିଂ ଚୌହାନ, ଯୁଗ୍ମ ସମ୍ପାଦକ ଶ୍ରୀ ରଞ୍ଜନ ମହାନ୍ତିଙ୍କ ସମେତ ଓଡ଼ିଶା ଚେସ ସଙ୍ଘର କର୍ମକର୍ତ୍ତା, ଆୟୋଜକ, ଆର୍ବିଟର ଓ ଅଫିସିଆଲମାନଙ୍କ ସହ ଚେସ କ୍ରୀଡ଼ାର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ତାମିଲନାଡୁ ଏବଂ ଓଡିଶାର କ୍ରୀଡ଼ାମନ୍ତ୍ରୀଙ୍କ ମଧ୍ୟରେ ଏକ ପ୍ରତୀକାତ୍ମକ ଚେସ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲାଓ ଏହି ଗସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା କ୍ରୀଡ଼ା ବିଭାଗ ଯୁଗ୍ମ ଶାସନ ସଚିବ କୈଳାଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

# ପୁଣି ପରଦାକୁ ଆସୁଛି ବାବୁସାନ୍-ଭୂମିକା ଯୋଡ଼ି



୨୦୦୯ ମସିହାରେ ମୁକ୍ତିଲାଭ କରିଥିବା 'ରୋମିଓ- ଦ ଲଭର ବୟ' ଜରିଆରେ ନାୟକ ଭାବେ କ୍ୟାରିଅର୍ ଆରମ୍ଭ କରିଥିଲେ। ତାପରେ ସେ ଆଉ ପଛକୁ ଫେରିଚାହିଁନାହାନ୍ତି। ଏହି ସମୟ ଭିତରେ କେତେକ ଆଗଧାଡ଼ିର ନାୟିକାଙ୍କ ସହ କାମ କରିଛନ୍ତି ବାବୁସାନ୍। ସେମାନଙ୍କ ଭିତରୁ କେତେକଙ୍କ ସହ ହାଟ୍ରିକ୍ କରିଛନ୍ତି। ଏହି ଧରଣର ଏକ ଯୋଡ଼ି ହେଲେ ବାବୁସାନ୍-ଭୂମିକା। ଏହି ଯୋଡ଼ିଙ୍କର ପ୍ରଥମ ସିନେମା ହେଲା 'ହିରୋ ନମ୍ବର ୱାନ୍'। ଏହା ୨୦୧୭ ପୂଜା ବଜାରରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ବାବୁସାନ୍-ଭୂମିକାଙ୍କ ଯୋଡ଼ି ବି ଜମି ଯାଇଥିଲା। ଏବେ ପୁଣିଥରେ ୨୦୧୮ ପୂଜା ବଜାରରେ ବାବୁସାନ୍-ଭୂମିକାଙ୍କ ଯୋଡ଼ିକୁ ନେଇ ତରଙ୍ଗ ସିନେ ପ୍ରଡକ୍‌ସନ୍‌ସ ଏକ ଫିଲ୍ମ ନିର୍ମାଣ କରିଥିଲା ଯାହାର ଟାଇଟଲ୍ ଥିଲା 'ଶ୍ରୀମାନ୍ ସୁଦାସ'। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ହିଟ୍ ଡାଇରେକ୍ଟର ଅଶୋକ ପତି। ଅଭିଜିତ୍ ମଜୁମ୍‌ଦାର ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ, ସଂଳାପ ଲେଖିଥିଲେ ରଣଜିତ୍ ପଟ୍ଟନାୟକ। ହେଲେ ଆପଣ କ'ଣ ଜାଣନ୍ତି କେବଳ ଏହି ଦୁଇଟି ନୁହେଁ, ବରଂ ଆଉ ଏକ ସିନେମାରେ ବି ନଜର ଆସିଥିଲେ ବାବୁସାନଙ୍କ ସହ ଭୂମିକା। ଏହି ସିନେମା ହେଲା 'ମିଷ୍ଟର୍ ମଜନୁ'। ଏହା ୨୦୧୯ ପୂଜା ବଜାରରେ ରିଲିଜ୍ ହୋଇଥିଲା। ଏଥିରେ ଅବଶ୍ୟ ଭୂମିକା ନାୟିକା ନ ଥିଲେ। ତାଙ୍କୁ ଏଥିରେ ଅତିଥି କଳାକାର ଭାବେ ଦେଖିବାକୁ ମିଳିଥିଲା କ୍ଲାଇମାକ୍ସରେ। ଏହି ଦୃଶ୍ୟରେ ବାବୁସାନଙ୍କ ସହ ଦେଖା ଦେଇଥିଲେ ଭୂମିକା। ଏଥିରେ ଜଣେ ଡାକ୍ତର ଭୂମିକାରେ ନଜର ଆସିଥିଲେ ଭୂମିକା।'ମିଷ୍ଟର୍ ମଜନୁ'ରେ ଶୀତଲ, ସୂରମୟୀ ଓ ଦିବ୍ୟା ନାୟିକା ଭୂମିକାରେ ଥିଲେ। ଏହି ଫିଲ୍ମର ନିର୍ଦ୍ଦେଶକ ଥିଲେ ଅଶୋକ ପତି। ଏସବୁ ଫିଲ୍ମର ପ୍ରଯୋଜନା କରିଥିଲେ ତରଙ୍ଗ ସିନେ ପ୍ରଡକ୍‌ସନ୍‌ସ। ଏବେ ବାବୁସାନ୍-ଭୂମିକାଙ୍କୁ ଦେଖିବାକୁ ପାଇବେ ତାହା ହେଲା 'ଦମନ'। ଏଥିରେ ବାବୁସାନ-ଭୂମିକାଙ୍କ ବ୍ୟତୀତ ଇଶାନୀ ସେନଗୁପ୍ତା, ରାଜ ରାଜେଶ ଓ ଋଷି ପ୍ରମୁଖ ମୁଖ୍ୟ ଚରିତ୍ରରେ ନଜର ଆସିବେ। ଏହାର ନିର୍ଦ୍ଦେଶକ ହେଲେ ରାଜେନ୍ଦ୍ର ମହନ୍ତ। ଦିଲୀପ ଚୌଧୁରୀ ଏହାର ସଂଳାପ ଲେଖିଥିବା ବେଳେ ଅଭିଜିତ ମଜୁମଦାର ଏହାର ସଙ୍ଗୀତକାର। ଏହା ଏକ ଭିନ୍ନ ଧରଣର ଫିଲ୍ମ ବୋଲି କୁହାଯାଉଛି। ଏଥିରେ ବାବୁସାନଙ୍କୁ ଡାକ୍ତର ଭୂମିକାର ଦେଖିବାକୁ ମିଳିବ।

# ସୋନାଲ୍ ଚୌହାନ: ଆଲବମ୍ ନାୟିକାରୁ ସଫଳ ସିନେ-ଅଭିନେତ୍ରୀ

କୌଣସି କ୍ଷେତ୍ରରେ ଆଶାନୁରୂପ ଆତ୍ମସନ୍ତୁଷ୍ଟି ନମିଳିଲେ ସଂପୂର୍ଣ୍ଣ କ୍ଷେତ୍ରକୁ ନ ବଦଳାଇ ତାହାର ଭିନ୍ନ ଦିଗରେ ନିଜକୁ ପରଖିବା ହେଉଛି ବୁଦ୍ଧିମାନର କାମ। ଅଭିନେତ୍ରୀ ସୋନାଲ୍ ଚୌହାନଙ୍କ ପେସାଗତ ଜୀବନରେ ସେପରି କିଛି ଘଟିଛି। ନିଜ ପାଇଁ ଅଧିକରୁ ଅଧିକ ଦର୍ଶକୀୟ ସ୍ୱୀକୃତି ଯୋଗାଡ଼ କରିବା ଲାଗି ତାଙ୍କୁ ବିଭିନ୍ନ ଭାଷାର ଫିଲ୍ମରେ ନିଜର ଦକ୍ଷତା ପରଖିବାକୁ ପଡ଼ିଛି। ଉତ୍ତରପ୍ରଦେଶର ବୁଲନ୍ଦସହର ଠାରେ ୧୯୮୫ ମେ ୧୬ରେ ମଣିପୁର ରାଜବଂଶର ଏକ ଚୌହାନ ରାଜପୁତ ପରିବାରରେ ଜନ୍ମିତା ସୋନାଲ ଦର୍ଶନଶାସ୍ତ୍ର ସମ୍ମାନରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ନୃତ୍ୟଗୀତରେ ପ୍ରବୀଣା ଥିବା ସୋନାଲ ତାଙ୍କର ଶିକ୍ଷାସମାପ୍ତି ପରେ ପରେ ବିଭିନ୍ନ ନାମୀଦାମୀ କମ୍ପାନିର ବିଜ୍ଞାପନରେ ମଡେଲିଂ କରି ନିଜର ପେସାଗତ ଜୀବନ ଆରମ୍ଭ କରିଥିଲେ। ତେବେ ୨୦୦୫ରେ ମାଲେସିଆର ମିରିଠାରେ 'ବିଶ୍ୱ ପର୍ଯ୍ୟଟନ ସୁନ୍ଦରୀ' ମୁକୁଟ ଜିତିଲା ପରେ ସଂଭ୍ରାନ୍ତ ପତ୍ରିକା 'ଏଫ୍ଏଚ୍ଏମ୍'ର ପ୍ରଚ୍ଛଦ ମଣ୍ଡନ କରି ସୋନାଲଙ୍କର ଲୋକପ୍ରିୟତା ବଢ଼ିଯାଇଥିଲା। ମାତ୍ର ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ହିମେଶ ରେସମିୟାଙ୍କ ସଂଗୀତ ଆଲବମ୍ 'ଆପ୍ କା ସୁରୁର' ମାଧ୍ୟମରେ। ଏହାପରେ ୨୦୦୮ରେ ହିନ୍ଦୀ ଫିଲ୍ମ 'ଜନ୍ନତ'ରେ ପ୍ରଥମ ପଦାର୍ପଣ କରି ଦର୍ଶକମାନଙ୍କୁ ସେ ନିଆରା ମନୋରଂଜନ ପରଷିଥିଲେ। ତେବେ ଏକ ବ୍ୟାପକ ଦର୍ଶକ ପରିସର ସୃଷ୍ଟି ପାଇଁ ସେ କେବଳ ହିନ୍ଦୀ ଭାଷାର ସିନେମାରେ ନିଜକୁ ସୀମିତ ନ ରଖି ଦକ୍ଷିଣ ଭାରତୀୟ ଭାଷା ପ୍ରତି ମନ ବଳାଇଥିଲେ। ଫଳସ୍ୱରୂପ ସେହିବର୍ଷ ତେଲୁଗୁ ସିନେମା 'ରେନ୍‌ବୋ'ରେ ମଧ୍ୟ ପ୍ରଥମ ପ୍ରବେଶ କରି ଦକ୍ଷିଣ ଭାରତରେ ବେଶ ଚହଳ ପକାଇଥିଲେ।



# ପ୍ରେମତ୍ରିକୋଣୀୟ ଓଡ଼ିଆ ସିନେମା 'ଓଏ ଅଞ୍ଜଳି'



'ଓଏ ଅଞ୍ଜଳି ଏକ ରୋମାଣ୍ଟିକ୍ ଥ୍ରିଲର ଡ୍ରାମା। ରାଜ ଓ ଆକାଶ ଦୁଇ ଯୁବକ ଓ ଜଣେ ଯୁବତୀ ଅଞ୍ଜଳିଙ୍କ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। କିଏ ହେବ ଅଞ୍ଜଳିର; ଏହା ବଡ଼ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି। ଏଥିପାଇଁ ଦୁଇ ଯୁବକଙ୍କୁ ବହୁତ କିଛି ହରାଇବାକୁ ପଡ଼ିଛି। ପ୍ରେମର ଏକ ଅଜବ ଅଭାବନୀୟ ପରିସ୍ଥିତିରେ ରାଜ ନା ଆକାଶ କିଏ ବାଜି ଜିତୁଛି, ଚଳଚ୍ଚିତ୍ର 'ଓଏ ଅଞ୍ଜଳି'ରେ ଏକ ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ। ପ୍ରେମର ଏକ ନୂଆ କାହାଣୀକୁ ସିନେମା ପରଦାରେ ପ୍ରତିଫଳିତ କରିବାକୁ ପ୍ରୟାସ କରାଯାଇଛି। ଏଇ ଚଳଚ୍ଚିତ୍ରକୁ ସୁଦୃଶ୍ୟ ଓ ଜୀବନ୍ତ କରିବା ପାଇଁ ଏହାର ଅନେକ ଦୃଶ୍ୟ ଉତ୍ତରାଖଣ୍ଡର ବିଭିନ୍ନ ସୌନ୍ଦର୍ଯ୍ୟମୟ ସ୍ଥାନରେ ଚିତ୍ରୋତ୍ତୋଳନ କରାଯାଇଛି। ଏହା ବ୍ୟତୀତ କିଛି ଦୃଶ୍ୟାୟନ ମଧ୍ୟ ଏରି ଅଲେକ୍ସ ଅକ୍ସ କୋଠରି ମଧ୍ୟରେ ସୁଟ୍ କରାଯାଇଛି, ଯାହା ବେଶ୍ ? ବ୍ୟୟବହୁଳ। ନିର୍ଦ୍ଦେଶକ ରମାଶଙ୍କର ଏହି ଚଳଚ୍ଚିତ୍ରଟିକୁ ରୋଚକ ଓ ମନୋରଂଜକ କରିବାକୁ ଯଥେଷ୍ଟ ପ୍ରୟାସ କରିଛନ୍ତି। ଏହାର ସଂଳାପ, ସଙ୍ଗୀତ, ଚିତ୍ରୋତ୍ତୋଳନ, ସମ୍ପାଦନା; କେଉଁଥିରେ ବି ସେ ସାଲିସ କରିନାହାନ୍ତି। ମୁମ୍ବାଇ, ପଞ୍ଜାବ, ଉତ୍ତରପ୍ରଦେଶ, ଚେନ୍ନାଇ ଏବଂ ଓଡ଼ିଶାର ଟେକ୍‌ନିସିଆନ୍‌ମାନେ ମିଳିତ ଭାବେ କାମ କରିଛନ୍ତି। ଏଥିରେ ରାଜ ଭୂମିକାରେ ସ୍ୱରାଜ, ଆକାଶ ଭୂମିକାରେ ଶ୍ରେୟାନ୍ ଓ ଅଞ୍ଜଳି ଭୂମିକାରେ ମାନବୀ ପଟେଲଙ୍କ ଅଭିନୟ କରିଛନ୍ତି। 'ଓଏ ଅଞ୍ଜଳି'ରେ କାହାଣୀ ପରିକଳ୍ପନା ସହ ନିର୍ଦ୍ଦେଶନା ଦେଇଛନ୍ତି ରମାଶଙ୍କର ଏବଂ ପ୍ରଯୋଜନା କରିଛନ୍ତି ସୁମନ ବର୍ମା। କ୍ରିଏଟିଭ ଡାଇରେକ୍ସନ୍ ସହ ସଂଳାପ ରଚନା କରିଛନ୍ତି ଦେବାଶିଷ ଓ ଅଶ୍ୱିନୀ ଗଡ଼ନାୟକ। ଗୀତ ରଚନା କରିଛନ୍ତି ବସନ୍ତରାଜ ସାମଲ ଏବଂ ସଙ୍ଗୀତ ରଚନା କରିଛନ୍ତି ପ୍ରେମ୍ ଆନନ୍ଦ। ଏବଂ ଫାଇଟ୍‌ରେ ଅଛନ୍ତି ଜୁଡୋରାମୁ। ଆଗାମୀ ଗଣେଶ ପୂଜା ଅବସରରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ମିଳିଛି।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com

ସଂପାଦକ - ବଦ୍ରିନାରାୟଣ ମହାନ୍ତି

Editor - Badri Narayan Mohanty